



## ସଂକ୍ଷେପରେ

### ମନ୍ଦିର, ବିଗ୍ରହ ପ୍ରତିଷ୍ଠା ପାଇଁ ଶୁଭଖୁଣ୍ଟି ସ୍ଥାପନ



**ଗଞ୍ଜାମ,୧୯।୪(ଡି.ଏନ.ଏ.)**-ଗଞ୍ଜାମ ଏନ୍ଏସି ୱାର୍ଡ ନଂ. ୮ ପୁଇଁତୋଳା ଗ୍ରାମରେ ଆସନ୍ତା ମେ ୪ରେ କଲ୍ୟାଣମୟୀ ମା' କନକ ଦୁର୍ଗାଙ୍କ ନୂତନ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ହେବ। ଏଥିପାଇଁ ଶୁକ୍ରବାର ଗ୍ରାମବାସୀଙ୍କ ପକ୍ଷରୁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ସ୍ଥାପନ ପୂର୍ବରୁ ଗ୍ରାମର ୪ ସାହି ଯଥା କାର୍ଯ୍ୟୀ, ସାନ, ମଠମୁଣ୍ଡ ଓ ବାରିକି ସାହି ଶୁଭଖୁଣ୍ଟିକୁ ଘଣ୍ଟ ମୃଦଙ୍ଗ ଦ୍ୱାରା ପରିକ୍ରମା କରାଯାଇଥିଲା। ମା' କନକ ଦୁର୍ଗା ମନ୍ଦିର ପରିସରରେ ୫ ଦିନ ବ୍ୟାପୀ ଘୃତଯଜ୍ଞ, ନାମଯଜ୍ଞ, ଜ୍ଞାନଯଜ୍ଞ ଓ ଗୋଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ମିଳିଛି । ଏଥିରେ ପ୍ରଚାରକ ଭାବେ ଖଟିଆ ରାମଚନ୍ଦ୍ରପୁର ପଣ୍ଡିତ ସପନ କୁମାର ଶତପଥୀ, ବ୍ରହ୍ମ ଚେତନା ପୀଠ କରାତଳି ଗ୍ରାମର ସନ୍ଥ ଲକ୍ଷ୍ମୀ ନାରାୟଣ ଦାସ ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି ।

### ମଦ ବନ୍ଦ ପାଇଁ ଅଣ୍ଟା ଭିଡିଲେ ମହିଳା

**ବେଗୁନିଆପଡ,୧୯।୪(ଡି.ଏନ୍.ଏ.)**- ନିର୍ବାଚନ ସରୁ ସରୁ ବେଗୁନିଆପଡ଼ା ଫାଣ୍ଡି ସୁମଣ୍ଡଳ ପଞ୍ଚାୟତରେ ଶୁକ୍ରବାର ଶତାଧିକ ମହିଳା ଏକଜୁଟ ହୋଇ ସୁମଣ୍ଡଳ ପଞ୍ଚାୟତକୁ ମଦମୁକ୍ତ ପଞ୍ଚାୟତ କରିବାକୁ ଅଣ୍ଟା ଭିଡିଛନ୍ତି। ମଦ ବିକ୍ରି ଯୋଗୁ ଗ୍ରାମରେ ଅଶାନ୍ତି ସୃଷ୍ଟି ହେଉଛି। ମଦ ଯୋଗୁ ବହୁ ପରିବାରରେ ଅଶାନ୍ତି ଦେଖାଦେଉଛି ବୋଲି ମହିଳାମାନେ ପ୍ରକାଶ କରିଛନ୍ତି। ଶୁକ୍ରବାର ମହିଳାମାନେ ପ୍ଲାକାର୍ଡ ଧରି ମଦ ବିରୋଧୀ ସ୍ଲୋଗାନ ଦେଇ ଭାଲିଆଝରର ପ୍ରତ୍ୟେକ ସାହି ପରିକ୍ରମା କରିବା ସହ ଦେଶୀ ଓ ବିଦେଶୀ ମଦ ବିକ୍ରି ବନ୍ଦ କରିବା ପାଇଁ ଦାବି କରିଥିଲେ। ଏହା ସହ ମଦ ବିକ୍ରି ବନ୍ଦ କରିବା ପାଇଁ ଗଞ୍ଜମ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ସ୍ଥାନୀୟ ପୋଲିସକୁ ମଧ୍ୟ ଦାବିପତ୍ର ଦେବା ପାଇଁ ସେମାନେ ପ୍ରକାଶ କରିଛନ୍ତି। ସୁମଣ୍ଡଳ ପଞ୍ଚାୟତର ସୁମଣ୍ଡଳ, ଭାଲିଆଝର, ସଉରାପଲ୍ଲୀ ଆଦି ଗ୍ରାମରେ ଏହି ଅଭିଯାନ ଜୋରଦାର୍ କରାଯିବ ବୋଲି ସେମାନେ ଚେତାବନି ଦେଇଛନ୍ତି।



■ ଦାରିଙ୍ଗବାଡି ଅଞ୍ଚଳରେ ପ୍ରଚଣ୍ଡ ଖରା

# ପ୍ରହସନ ପାଲଟିଛି ଜଳଛତ୍ର

**ଦାରିଙ୍ଗବାଡି,୧୯।୪(ଡି.ଏନ.ଏ.)**

ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ପ୍ରଚଣ୍ଡ ଖରା ସହ ପାନୀୟଜଳ ସମସ୍ୟା ଦେଖାଯାଇଛି। ସରକାରଙ୍କ ତରଫରୁ ପଥଚାରୀଙ୍କ ପାଇଁ ଜଳଛତ୍ର ଖୋଲାଯିବାର ବ୍ୟବସ୍ଥା କରାଯାଇଥିଲେ ମଧ ତାହା ପ୍ରହସନ ପାଲଟିଥିବା ଦେଖିବାକୁ ମିଳିଛି। ଏକାଧିକ ସ୍ଥାନରେ ଜଳଛତ୍ର ବ୍ୟାନର ଟଙ୍ଗା ଯାଇଥିବାବେଳେ ପାଣି ମାଠିଆ ନାହିଁ। ଏଭଳି ପରିସ୍ଥିତିରେ ପଥଚାରୀମାନେ ପାଣି ପାଇଁ ବହୁ ହଇରାଣ ହେଉଛନ୍ତି। ଜଳଛତ୍ର ପାଇଁ ପଞ୍ଚାୟତଗୁଡିକରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ ଏହା ହେଉଛି ବାସ୍ତବ ଚିତ୍ର। ଏହିସବୁ ଅର୍ଥ ହଡପ ହେଉଥିବା ଅଭିଯୋଗ ହେଉଛି। କେବଳ ଏହି ବର୍ଷନୁହେଁ ପ୍ରତିବର୍ଷ ଏଭଳି ପରିସ୍ଥିତି ଉପୁଜୁଛି। ଓଡିଶାର କଶ୍ମୀର ଭାବେ ପରିଚିତ ଦାରିଙ୍ଗବାଡିରେ ଏପ୍ରିଲ, ଜୁନମାସ ପର୍ଯ୍ୟନ୍ତ ଜଳସଙ୍କଟ ଦେଖାଯିବା ସହ ପିଇବା ପାଣିର ସମସ୍ୟା ଉତ୍କଟ ରୂପ ନେଇଥାଏ। ଜିଲାର ସମସ୍ତ ଅଞ୍ଚଳ ପାହାଡିଆ ଦୁର୍ଗମ ହୋଇଥିବା ବେଳେ ଦାରିଙ୍ଗବାଡି ସବୁଠାରୁ ଉଚ୍ଚ ଏବଂ ପାହାଡ, ପର୍ବତ ଘେରା। ସମୁଦ୍ର ପତ୍ତନ ଠାରୁ ପ୍ରାୟ ୩୨ ଶହ ଫୁଟ ଉଚ୍ଚରେ ରହିଥିବା ଦାରିଙ୍ଗବାଡି ଅଞ୍ଚଳରେ ଜଳସ୍ରୋତର ଅଭାବ ଏହି ସମୟରେ ଲୋକଙ୍କୁ ପ୍ରଭାବିତ କରିଥାଏ।

ସିମନବାଡି ସମେତ ଦାସିଂବାଡି, ସିଆଙ୍ଗବାଲି, ଭ୍ରମରବାଡି, ଦାରିଙ୍ଗବାଡି, ବ୍ରାହ୍ମଣୀଗାଁ, କାଟିଙ୍ଗିଆ, ଗଦାପୁର, ସରାମୂଳ, ତାଜୁଙ୍ଗିଆ ଭଳି ୨୫ ପଞ୍ଚାୟତରେ ଜଳଛତ୍ର ଖୋଲାଯାଇଥିଲେ ସୁଦ୍ଧା ଏକାଧିକ ଜଳଛତ୍ରରେ ଜଳାଭାବ ରହିଛି। ଛକ, ଜନଗହଳିପୂର୍ଣ୍ଣ ସ୍ଥାନରେ ଜଳଛତ୍ର ନାହିଁ। ଏ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ବିଭିନ୍ନ ସ୍ଥାନରେ ବ୍ୟାନର ଲାଗିଥିବାବେଳେ ମାଠିଆ ନାହିଁ, ଆଉ କେତେକ ସ୍ଥାନରେ ଖାଲି ମାଠିଆ ରହିଛି। ଏଭଳି ଜଳବିହୀନ ହାଣ୍ଡି ଯୋଗୁ ଜନଅସନ୍ତୋଷ ଦେଖାଦେଉଛି। ସମସ୍ତ ଛକରେ ଜଳଛତ୍ର ଖୋଲିବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି। ଏ ନେଇ ଦାରିଙ୍ଗବାଡି ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଭଞ୍ଜ ପ୍ରଧାନଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ସମସ୍ତ ପଞ୍ଚାୟତକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ତେବେ ୨୫ ପଞ୍ଚାୟତ ଅଞ୍ଚଳରେ ଅଦ୍ୟାବଧି କେତୋଟି ସ୍ଥାନରେ ଜଳଛତ୍ର ଖୋଲାସରିଛି। ନିର୍ବାଚନ ଥିବାରୁ ବିଳମ୍ବ ହୋଇଛି। ଦୁଇଦିନ ମଧ୍ୟରେ ସମସ୍ତ ଗ୍ରାମରେ ଜଳଛତ୍ର ଖୋଲାଯିବ।

ପ୍ରକାଶ ଯେ, ଗତ କିଛିଦିନ ହେଲା ଦାରିଙ୍ଗବାଡି ଯେଉଁଠି ଡିସେମ୍ବର, ଜାନୁୟାରୀ ମାସରେ ମାଇନ୍ସ ଡିଗ୍ରୀ ତାପମାତ୍ରା ରୁହେ, ସେଠାରେ ଏବେ ପାରଦ ୩୭ ଛୁଇଁଲାଣି। ଫଳରେ ଲୋକେ ଗରମରେ ଛଟପଟ ହେଉଛନ୍ତି। ଜଳାଭାବ ସମସ୍ୟାକୁ ଦ୍ୱିଗୁଣିତ କରୁଛି।



କିରିକୁଟି ପଞ୍ଚାୟତରେ ଖୋଲାଯାଇଥିବା ଜଳଛତ୍ରରେ କେବଳ ବ୍ୟାନର ଝୁଲୁଛି।

■ ଇଭିଏମ୍ କଣ୍ଟ୍ରୋଲ୍ ୟୁନିଟ୍ ଭାଙ୍ଗିବା ମାମଲା

## ଜେଲରେ ଭାଜପା ପ୍ରାର୍ଥୀ ନୀଳମଣି

**ଛତ୍ରପୁର,୧୯।୪(ଡି.ଏନ.ଏ.)**

ଗଞ୍ଜାମ ଜିଲା ସୋରଡା ବ୍ଲକ ରେଣ୍ଟି ବୁଥରେ ଇଭିଏମ୍ କଣ୍ଟ୍ରୋଲ ୟୁନିଟ୍ ଭାଙ୍ଗିବା ମାମଲାରେ ଭାଜପା ପ୍ରାର୍ଥୀ ନୀଳମଣି ବିଷୋୟୀ ଗିରଫ ହୋଇ ଜେଲ ଯାଇଛନ୍ତି। ଶୁକ୍ରବାର ଛତ୍ରପୁରସ୍ଥିତ ଏସ୍ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍ପି ଉପରୋକ୍ତ ସୂଚନା ଦେଇଛନ୍ତି। ସୋରଡା ପୋଲିସ ଏନେଇ ଏକ ମାମଲା ନଂ.୫୭/୧୯ ରୁଜୁ କରି ଗୁରୁବାର ରାତିରେ ନୀଳମଣିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତାଙ୍କୁ ସୋରଡା ଜେଲକୁ ପଠାଇ ଦିଆଯାଇଥିଲା।

**ରିଗିଂ ଅଭିଯୋଗ ନେଇ ମାମଲା ହୋଇନି**

ନୀଳମଣିଙ୍କ ଉପରେ ଆଇପିସିର ୧୪୩, ୪୪୮, ୧୪୯, ୩୫୩ ଓ ୪୨୭ ଧାରା, ଆର୍‌ପି ଆକ୍ଟ (ରିପ୍ରେଜେଣ୍ଟେସନ୍ ଅଫ୍ ଦ ପିପୁଲ୍)ର ୧୩୧,୧୩୨, ୧୩୫(ଏ) ଓ ୧୩୬ ଧାରା ଏବଂ ପିଡିପିପି (ପ୍ରିଭେନସନ୍ ଅଫ୍ ଡ୍ୟାମେଜ୍ ଟୁ ପବ୍ଲିକ୍ ପ୍ରପର୍ଟି) ଆକ୍ଟର ୩ ଧାରା ଲଗାଇ ମାମଲା ରୁଜୁ ହୋଇଥିବା ଏସପି କହିଛନ୍ତି। ଅପରପକ୍ଷରେ ଭୋଟ ଗ୍ରହଣ ବେଳେ ରିଗିଂ ହୋଇଥିବା ନେଇ ନୀଳମଣିଙ୍କ ପକ୍ଷରୁ ସୋରଡା ଥାନାରେ ଦିଆଯାଇଥିବା ଏତଲା ଉପରେ ମାମଲା ରୁଜୁ ହୋଇ ନ ଥିବା ଏସ୍ପି ସ୍ପଷ୍ଟ କରିଛନ୍ତି।

## କାଠ ବୋଝେଇ ଗାଡ଼ି ଜବତ, ଚାଳକ ଗିରଫ

**ବେତନଟୀ,୧୯।୪(ଡି.ଏନ୍.ଏ.)**–ମୟୂରଭଞ୍ଜ ଜିଲା ବେତନଟୀ ବନ ବିଭାଗ ବନାଞ୍ଚଳ ଅଧୀନ ସରବଣା ଗ୍ରାମ ନିକଟରେ ଶୁକ୍ରବାର ଚଢାଉ କରି ଏକ ଶାଳଗଣ୍ଡି ବୋଝେଇ ପିକଅପ ଭ୍ୟାନ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ବାଲେଶ୍ୱର ଜିଲା ଛଣପୁର ନିକଟ ବାର୍ଚ୍ଛିଖୁଣ୍ଟାର ସଂଗ୍ରାମ କେଶରୀ ଦାସ । ପିକ୍‌ଅପ୍ ଭ୍ୟାନରେ ମୋଟ ୨୨ଟି ଶାଳ ଗଣ୍ଡି ରହିଥିଲା। ବେତନଟୀ ବନାଞ୍ଚଳ ଅଧିକାରୀ ଘନଶ୍ୟାମ ସିଂ ନିର୍ଦ୍ଦେଶ ଦେବା ପରେ ବେତନଟୀ ବନପାଳ ସୁଶାନ୍ତ ବାଗ୍, ଡେପୁଟି ରେଞ୍ଜର ରାଜେଶ୍ ମହାକୁଡ ସଦଳବଳ ଭ୍ୟାନ୍‌ଟିକୁ ଜବତ କରି ନଂ. ୮/୨୦୧୯ରେ ମାମଲା ରୁଜୁ କରାଯାଇଛି।

## ଦାରିଙ୍ଗବାଡ଼ି ଅଞ୍ଚଳରେ କାଳବୈଶାଖୀ ସହ ବର୍ଷା


କାଳବୈଶାଖୀ ପ୍ରଭାବରେ ଘରର ଟିଣ ଏବଂ ଆଜବେଷ୍ଟସ ଉଡି ଯାଉଛି।

**ଦାରିଙ୍ଗବାଡ଼ି,୧୯।୪(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବର୍ଷା ସହ ପବନ ହୋଇଛି। ଅଞ୍ଚଳରେ ଏକାଧିକ ଘରର ଟିଣ, ଆଜବେଷ୍ଟସ ଛପର ଉଡିବା ସହ କ୍ଷୟକ୍ଷତି ହୋଇଛି। ସିମନବାଡ଼ିର ପ୍ରଦୀପ ନାୟକ ଏବଂ ରିପୁ ନାୟକଙ୍କ ଘରର ଛପର ସମ୍ପୂର୍ଣ୍ଣ ଉଡି ଯାଇଛି। ଫଳରେ ବର୍ଷାରେ ଖୋଲା ଆକାଶ ତଳେ ପରିବାରବର୍ଗ ରହିଛନ୍ତି। ପ୍ରଶାସନ ପକ୍ଷରୁ କେହି ପହଞ୍ଚି ନ ଥିବା ଜଣାପଡ଼ିଛି। ସେହିପରି ଅନେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଛି। ଅଞ୍ଚଳରେ ବିଦ୍ୟୁତ୍ ବିଚ୍ଛିନ୍ନ ଯୋଗୁ ପ୍ରାୟ ୨୫ ପଞ୍ଚାୟତ ଅନ୍ଧାରରେ ରହିଛି। ଖବର ଲେଖିବା ସୁଦ୍ଧା ସମଗ୍ର ଅଞ୍ଚଳ ଅନ୍ଧାରରେ ରହିଛି।

## ମହେନ୍ଦ୍ରଗଡ଼ରେ କୃଷକ ସଚେତନତା ସଭା

**ଚନ୍ଦ୍ରଗିରି,୧୯।୪(ଡି.ଏନ୍.ଏ.)**

ରା.ଉଦୟଗିରି ବ୍ଲକ ମହେନ୍ଦ୍ରଗଡ଼ ଗ୍ରାମରେ ଶିବା କ୍ରିଷ୍ଣା ଟ୍ରେଡର୍ସ ତଥା ସିଜେଣ୍ଟା କମ୍ପାନୀର ବିତରକ ଦିଲୀପ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ କୃଷକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମହେନ୍ଦ୍ରଗଡ଼ର ଯୁବ ସରପଞ୍ଚ ବୀରଭାସ୍କର ପାଇକ, ସିଜେଣ୍ଟା କମ୍ପାନୀର ଅଭିରାମ ନାୟକ, ବିଏମ୍ ଜିତେନ୍ଦ୍ର ତିୱାରୀ, ଜିଟିଏମ୍ ଶରତ ଚନ୍ଦ୍ର ଝାଙ୍କ ସମେତ ଚନ୍ଦ୍ରଗିର, ଚାନ୍ଦିପୁଟ, ମୋହନା, ରାଉଦୟଗିରି, ରାମଗିରି, ଛେଳିଗଡ଼, ମହେନ୍ଦ୍ରଗଡ଼, କଳାମେରୀ, ଲୁହାଗୁଡ଼ି ଆଦି ଅଞ୍ଚଳର ବହୁ ଚାଷୀ ଯୋଗ ଦେଇଥିଲେ। ଚାଷୀମାନେ କିଭଳି ଧାନ ଏବଂ ମକା ଚାଷ ଉପରେ ଗୁରୁତ୍ୱ ନେଇ ସାରର ବ୍ୟବହାର କରି ପ୍ରଚୁର ଫସଲ ଉତ୍ପାଦ କରିବାରେ ସେ ନେଇ ସଭାରେ ଅତିଥିମାନେ କହିଥିଲେ। ଶେଷରେ ଚାଷୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।


ସଭାରେ ଉପସ୍ଥିତ କୃଷକମାନେ।

# ଘାଟିରେ ଓଲଟିଲା ଗାଡ଼ି: ଜଣେ ମୃତ, ୧୪ ଆହତ

**ଚନ୍ଦ୍ରଗିର,୧୯।୪(ଡି.ଏନ୍.ଏ.)**

ଅଡବା ଥାନା ରୁଡ଼ଙ୍ଗପୁରଠାରୁ ତୁମାଙ୍ଗପଦର ଯାଉଥିବା ଘାଟିରେ ଶୁକ୍ରବାର ସନ୍ଧ୍ୟାରେ ଏକ ଗାଡ଼ି ଓଲଟି ପଡ଼ିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଦାନି ମାଝି (୩୪)। ଆହତ ଏଲିଆଜର ମାଝି, ସ୍ନେହା ମାଝି, ସୁଲମ ମାଝି, ୱେଲସନ ମାଝି, ସୁମିଳା ମାଝି, ଜସ୍ମିତା ମାଝି, ଧନୁଜୟ ମାଝି, ସୁରେଜ ମାଝି, ଅରୁପା ମାଝି, ଏଲିସୟା ମାଝି, ମୋହିନା ମାଝି, ହନକ ମାଝି, ସୁଲଭି ମାଝି, ସୁମନି ମାଝିଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଧନୁଜୟଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିବା ଡାକ୍ତର ଉଲ୍ଲାସ ରାଉତ କହିଛନ୍ତି।

ପ୍ରକାଶ ଯେ, ରୁଡଙ୍ଗପୁରରୁ ତୁମାଙ୍ଗପଦରର ପ୍ରାୟ ୨୦-୨୫ଜଣ ଯାତ୍ରୀଙ୍କୁ ନେଇ ଏକ ଟାଟା ମ୍ୟାଜିକ୍ ଯାଉଥିଲା। ସନ୍ଧ୍ୟା ୫ଟାରେ ରୁଡ଼ଙ୍ଗପୁରରୁ ୧ କି.ମି ରାସ୍ତା ଅତିକ୍ରମ କରି ଘାଟିରେ ଚଢୁଥିବା ବେଳେ ଗାଡ଼ିଟି ଭାରସାମ୍ୟ ହରାଇ ତଳକୁ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଦାନିଙ୍କ ମୃତ୍ୟୁ ଘଟିଥିଲା। ଖବର ଲେଖାହେବା ସୁଦ୍ଧା ଘଟଣାସ୍ଥଳରେ ପୋଲିସ ପହଞ୍ଚି ନାହିଁ କି କୌଣସି ମାମଲା ରୁଜୁ ହୋଇନାହିଁ। ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଉଠାଯାଇଥିବା ବେଳେ ଓଭର ଲୋଡିଂ ଦ୍ୱାରା ଏପରି ଘଟିଥିବା ଜଣାପଡ଼ିଛି।


ମେଡିକାଲରେ ଚିକିତ୍ସିତ ହେଉଛନ୍ତି ଆହତମାନେ।





AUTHORISED DISTRIBUTORS: MEDHA ENTERPRISERS - BERHAMPUR - 9090521414, P. K. ELECTRONICS - BALUGAON - 9438568555, DEALERS: SRI MEGA STORES - GARABANDHA - 7682007999, MARUTI VERITY STORE - CHIKITI - 7683965160, SUBUDHI ENTERPRISES - CHIKITI - 9937077838, MAA TARINI AGENCY - BUGUDA - 9937075951, PALO ENTERPRISES - PURUSOTTAMAPUR - 9861047901, SOUND & VISION - BERHAMPUR - 9437022969, SRI SITARAM ENTERPRISES - BERHAMPUR - 9437216521, KONARK ENTERPRISES - BERHAMPUR - 680-2225499, SANGAM ELECTRONICS-BERHAMPUR-9776061786, SAGARELECTRONICS-BERHAMPUR-9861067475, MADHUENTERPRISES - BERHAMPUR - 680-2222166, SOUND & VISION - BERHAMPUR - 9437022969, RAJ ENTERPRISES - BERHAMPUR - 8917582811, ASM WESTERN ODISHA- ARABINDA- 7381541721, ASM COSTAL ODISHA- SANTOSH- 7381054899.

## ସଂକ୍ଷେପରେ

### କୀଟନାଶକ ପିଇ ନବବଧୂଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୯।୪:** କୀଟନାଶକ ପିଇ ଚିକିତ୍ସାଧୀନ ଅବସ୍ଥାରେ ଜଣେ ନବବଧୂଙ୍କ ବଡ଼ ମେଡିକାଲରେ ଗୁରୁବାର ମୃତ୍ୟୁ ଘଟିଛି । ସେ ହେଲେ ଦିଗପହଣ୍ଡି ଥାନା ଗୋକର୍ଣ୍ଣପୁରର ମମତା ପାତ୍ର। ଶୁକ୍ରବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମମତାଙ୍କ ମୃତଦେହ ପଞ୍ଚନାମା କରାଯାଇଛି। ଏ ନେଇ ନଂ.୧୮୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ବଡ଼ଗଡ଼ ଥାନା ଅନ୍ତର୍ଗତ ପଦ୍ମପୁର ଗ୍ରାମର ମମତାଙ୍କର ଗୋକର୍ଣ୍ଣପୁର ଗ୍ରାମରେ ବିବାହ ହୋଇଥିଲା। କୌଣସି କାରଣରୁ ବିବାହର କିଛିଦିନ ପରେ ମମତା ବାପ ଘରକୁ ଚାଲି ଆସିଥିଲେ । ଗତ ୧୬ ତାରିଖରେ ସେ କୌଣସି କଥାକୁ ନେଇ ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ତାଙ୍କ ବାପା ଓ ଭାଇ ଉଦ୍ଧାର କରି ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି ।

### ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୯।୪:** ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ଥିବା ଜଣେ ଛାତ୍ରଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ଶୁକ୍ରବାର ସକାଳେ ମୃତ୍ୟୁ ଘଟିଛି। ସେ ହେଲେ ଶିବ ଶବର। ତାଙ୍କ ଘର ରାୟଗଡ଼ା ଜିଲା ପଦ୍ମପୁର ଥାନା ଅନ୍ତର୍ଗତ ବାଲାଜିଗୁଡ଼ା ବୋଲି ମେଡିକାଲ ଫାଣ୍ଡି ପୋଲିସ କହିଛି । ପ୍ରକାଶ ଯେ ଶିବ ୧୭ ତାରିଖ ପୂର୍ବାହ୍ନରେ ବାଇକରେ କୌଣସି କାମରେ ପଦ୍ମପୁର ଯାଉଥିବା ବେଳେ କୌଣସି ଗାଡ଼ି ଧକ୍କା ଦେଇ ଚାଲି ଯାଇଥିଲା। ସ୍ଥାନୀୟ ଲୋକେ ଶିବଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ । ଚିକିତ୍ସାଧିନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ନଂ.୧୮୭/୧୯ରେ ଏକ ମାମଲା ରୁଜୁ କରିଛି ।

### ବର୍ଜ୍ୟବସ୍ତୁ ପରିଚାଳନା ତାଲିମ

**ପାରଳାଖେମୁଣ୍ଡି, ୧୯।୪ (ସ୍ୱ.ପ୍ର.):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ ଗୃହରେ ଡାକ୍ତରଖାନାରୁ ବାହାରୁଥିବା ବିଭିନ୍ନ ଅଳିଆ ଆବର୍ଜନା ତଥା ବିଭିନ୍ନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସିଡିଏମ୍‌ଓ ଡାକ୍ତର ଗୁନୁରାଣୀ ପଟ୍ଟନାୟକ ଉପସ୍ଥିତ ଥିଲେ। ବର୍ଜ୍ୟବସ୍ତୁଗୁଡିକୁର ଉତ୍ତମ ପରିଚାଳନା କରାଯାଇପାରିଲେ ଚିକିତ୍ସାଳୟ ପରିସର ସ୍ୱଚ୍ଛ ଓ ସୁସ୍ଥ ରହିପାରିବ ବୋଲି ସେ କହିଥିଲେ। ଚିକିତ୍ସାଳୟରୁ ବାହାରୁଥିବା ବର୍ଜ୍ୟବସ୍ତୁ ଗୁଡିକ ବିଭିନ୍ନ ଶ୍ରେଣୀର ହୋଇଥାଏ। ସେଗୁଡିକୁ ଭିନ୍ନ ଭିନ୍ନ ରଙ୍ଗର ଡଷ୍ଟବିନ୍‌ରେ ପକାଇବାକୁ କୁହାଯାଇଥିଲା। ଏଥିପାଇଁ ଲାଲ୍, ହଳଦିଆ, କଳା, ନୀଳ ଆଦି ରଙ୍ଗର ଡଷ୍ଟବିନ ରଖାଯାଇଛି। କେଉଁ ବର୍ଜ୍ୟବସ୍ତୁକୁ କେଉଁ ଡଷ୍ଟବିନ୍‌ରେ ପକାଯିବ ସେ ବିଷୟରେ ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ସଫେଇ କର୍ମଚାରୀ ଏବଂ ସୁପରଭାଇଜରଙ୍କୁ ତାଲିମ ଦିଆଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଚିକିତ୍ସାଳୟର ଚିକିତ୍ସା ଅଧୀକ୍ଷକ ଡାକ୍ତର ରମେଶ ଚନ୍ଦ୍ର ମିଶ୍ର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପି.କେ. ପାତ୍ର, ଡାକ୍ତର ଏମ୍.ଏମ୍. ଅଲ୍ଲୀ, ଡାକ୍ତର ଭି.ଏଲ୍.ଏନ୍. ରାଜୁ ପ୍ରମୁଖ ଉପସ୍ଥିତ ଥିଲେ। ତୁଷାରକାନ୍ତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ତାତିରୁ ଆଶ୍ୱସ୍ତି ଦେଲା ଝିପିଝିପି ବର୍ଷା

**ପାରଳାଖେମୁଣ୍ଡି, ୧୯।୪ (ସ୍ୱ.ପ୍ର.):** ପାରଳାଖେମୁଣ୍ଡିରେ ଗତ କିଛି ଦିନ ହେବ ଭୀଷଣ ତାତି ଓ ଗ୍ରୀଷ୍ମ ପ୍ରଭାବ ଲୋକମାନଙ୍କୁ ଅତିଷ୍ଠ କରିପକାଇଥିଲା ବେଳେ ଶୁକ୍ରବାର ଅପରାହ୍ନରେ ହୋଇଥିବା ଅଳ୍ପ ବର୍ଷା ଯୋଗୁ ଲୋକେ ସାମାନ୍ୟ ଆଶ୍ୱସ୍ତି ହୋଇଛନ୍ତି। ଗତ ପ୍ରାୟ ୨ ସପ୍ତାହରୁ ଉର୍ଦ୍ଧ୍ୱ ହେବ ସହରରେ ତାତି ଏତେ ଅଧିକା ରହିଥିଲା ଯେ ଦିନ ୧୧ଟା ପରେ ଲୋକମାନେ ଘରୁ ବାହାରିବା ଏକପ୍ରକାର ମୁସ୍କିଲ ହୋଇପଡିଥିଲା। ଦିନ ୧୧ଟା ପୂର୍ବରୁ ହିଁ ଲୋକେ ନିଜର ଜରୁରୀ କାମ ସବୁ ସାରି ଦେଉଥିଲେ। ଏଭଳିସ୍ଥଳେ ଅପରାହ୍ନରେ ହୋଇଥିବା ଝିପିଝିପି ବର୍ଷା ଲୋକମାନଙ୍କ ମନରେ କିଛିଟା ସନ୍ତୋଷ ଆଣିବା ସହ ଗରମ ପ୍ରଭାବରୁ ଆଶ୍ୱସ୍ତି ମିଳିଛି।


ଶିଶୁ ମାନସିକ ବେଶଧାରୀ।


ମାନସିକବେଶଧାରୀଙ୍କ ଝାଡୁଦାର ବେଶ।


ମାନସିକ ବେଶଧାରୀ ଭୋଗ ଚାଙ୍ଗୁଡି ଧରି ପୂଜା କରିବାକୁ ଯାଉଛନ୍ତି ।


ଛୋଟ ଶିଶୁଙ୍କ ଛୋଡଗାଜିଆ ବେଶ।

# ୮ ସାହିରେ ଘଟ ପରିକ୍ରମା, ଶିବାରୂଢା, ଜ୍ୱାଳା ରଥ ଉନ୍ମୋଚିତ

**ବ୍ରହ୍ମପୁର ଅଫିସ,୧୯।୪**

ବ୍ରହ୍ମପୁର ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଶୁକ୍ରବାର ୨୧ ଦିନରେ ପହଞ୍ଚିଛି। ଆଉ ୧୦ ଦିନ ପରେ ମା' ବାପଘରୁ ନିଜସ୍ୱ ମନ୍ଦିରକୁ ବାହୁଡିବେ । ତେଣୁ ବାପ ଘରେ ତଥା ଅସ୍ଥାୟୀ ଯାତ୍ରା ମଣ୍ଡପରେ ମା'ଙ୍କ ଦର୍ଶନ କରିବାକୁ ଏବେ ଶ୍ରଦ୍ଧାଳୁ ଓ ମାନସିକଧାରୀଙ୍କ ସୁଅ ଛୁଟିଛି । ମାନସିକ ପୂରଣ ଓ ମା'ଙ୍କ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଆସୁଛନ୍ତି। ଅନ୍ୟପକ୍ଷରେ ଯାତ୍ରା ଶେଷ ପର୍ଯ୍ୟାୟରେ ଶ୍ରଦ୍ଧାଳୁଙ୍କ ମନ ଜିଣୁଛି ବିଭିନ୍ନ ସାହିର ସାଜସଜ୍ଜା ଓ ରଥ । ଗୁରୁବାର ସୁଦ୍ଧା ଯାତ୍ରା ଦାଣ୍ଡକୁ ୩ ରଥ ଓହ୍ଲାଇଥିବା ବେଳେ ଶୁକ୍ରବାର ଆଉ ୨ ରଥ ଓ ଗୋଟିଏ କଳାକୁଞ୍ଜ ଉନ୍ମୋଚିତ ହୋଇଛି । ଏବେ ଆଲୋକମାଳାରେ ଝଲସୁଛି ବିଭିନ୍ନ ସାହି । ଆକର୍ଷଣୀୟ ଆଲୋକ ଓ ରଥ ସାଜସଜ୍ଜା ଦେଖିବାକୁ ସାହିଗୁଡିକରେ ଏବେ ଭିଡ ଜମୁଛି । ଯାତ୍ରସ୍ଥଳ ଦେଶୀବେହେରା ସାହି ସମେତ ବଡବଜାର, ସାନବଜାର, ପୁରୁଣା ବ୍ରହ୍ମପୁର ଅଞ୍ଚଳର ବିଭିନ୍ନ ସାହି ଚଳଚଞ୍ଚଳ ହୋଇଉଠିଛି।




ପାରମ୍ପରିକ ଭାବେ ଶୁକ୍ରବାର ସନ୍ଧ୍ୟାରେ ମା'ଙ୍କ ଆଳତୀ ପରେ ଘଟ ପରିକ୍ରମା ଆରମ୍ଭ ହୋଇଥିଲା । ଏହି ଅବସରରେ ଦୁଇଟି ରଥ ଓ ଗୋଟିଏ କଳାକୁଞ୍ଜକୁ ମା' ଉନ୍ମୋଚନ କରିଥିଲେ । ମା'ଙ୍କ ଘଟ ଅସ୍ଥାୟୀ ପୀଠରୁ ବାହାରି ପ୍ରଥମେ ରାଜବାଟିକୁ ଯାଇଥିଲା। ସେଠାରେ ରାଜା ଆଶୋକ କୁମାର ନରେନ୍ଦ୍ର ଦେବ ମା'ଙ୍କ ପୂଜାର୍ଚ୍ଚନା କରି ଭୋଗ ଲଗାଇବା ପରେ ଘଟ ୮ ସାହି ପରିକ୍ରମା କରିଥିଲା । ମା' ଦେବକୀ ମୁଖ୍ୟଘଟକୁ ଏବଂ ଡେରା ସମ୍ପ୍ରଦାୟର ସେନାପତିଙ୍କ ସ୍ତ୍ରୀମାନେ ଅନ୍ୟ ୮ ପାର୍ଶ୍ୱଘଟକୁ ମୁଣ୍ଡାଇ ଶୋଭାଯାତ୍ରାରେ ବିଭିନ୍ନ ସାହି ପରିକ୍ରମା କରିଥିଲେ । ରାଜବାଟିରୁ ମା'ଙ୍କ ଘଟ ବଡବଜାର, ଚନ୍ଦ୍ରମାସାହି, କେଦାରେଶ୍ୱର ପେଟା ସାହି ଦେଇ ଷଣ୍ମହାନ୍ତି ସାହିକୁ ଯାଇଥିଲା। ସେଠାରେ ମା'ଙ୍କ ସମ୍ମୁଖରେ ଶିବାରୂଢା କାଳୀ ରଥର ମସ୍ତକ ସ୍ଥାପନ କରାଯିବା ପରେ ସର୍ବସାଧାରଣଙ୍କ ପାଇଁ ତାହା ଉନ୍ମୋଚିତ ହୋଇଥିଲା । କେଦାରେଶ୍ୱର ରୋଡରେ ଘଟ ପରିକ୍ରମା ବେଳେ ମା' ଜ୍ୱାଳା ରଥଙ୍କୁ ଉନ୍ମୋଚିତ କରିଥିଲେ। ଏହାପରେ ବାଲିଙ୍କିପେଟା, ଗୋବର୍ଦ୍ଧନ ପେଟା, ଆଡୁଆ ସାହି, ବାରିଆଦଲ ସାହିରେ ମା'ଙ୍କ ଘଟ ପରିକ୍ରମା କରିଥିଲା। କେଦାରେଶ୍ୱର ରୋଡ, ଚନ୍ଦ୍ରମାସାହି, ନଡିଆ ବଜାର ହୋଇ ମା' ଅସ୍ଥାୟୀ ପୀଠକୁ ବାହୁଡିଥିଲେ । ଅସ୍ଥାୟୀ ପୀଠକୁ ଫେରିବା ବେଳେ


ଶୁକ୍ରବାର ଅପରାହ୍ନରେ ମା'ଙ୍କ ଅସ୍ଥାୟୀ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ।

### ଖୋଲିଲା ରାମରାଜ୍ୟ, ମା' ବୁଢୀ ଠାକୁରାଣୀ କଳାକୁଞ୍ଜ

ନଡିଆଗୁର୍ଜିର ରାମରାଜ୍ୟ ପ୍ରଦର୍ଶନୀ ଓ ମା' ବୁଢୀଠାକୁରାଣୀ କଳାକୁଞ୍ଜକୁ ମା'ଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା । ଉପରୋକ୍ତ ସାହିରେ ମା'ଙ୍କ ଘଟ ପରିକ୍ରମା ବେଳେ ମହିଳାମାନେ ଘର ଦୁଆରରେ ଜଳକୁମ୍ଭ ରଖିବା ସହ ମୁଖ୍ୟଘଟଧାରୀଙ୍କ ପାଦରେ ହଳଦୀ ଓ କର୍ପୁର ମିଶା ପାଣି ଢାଳିଥିଲେ ।

ପ୍ରତି ସାହିରେ ବିଭିନ୍ନ ଆଲୋକ ସାଜସଜ୍ଜା ଯାତ୍ରାର ଶୋଭା ବଢାଉଥିବା ବେଳେ ସହରରେ ସିଟି ହାଇସ୍କୁଲ ପଡିଆ ଓ ଏସଏସଭିଟି ପଡିଆରେ ଖୋଲିଥିବା ମୀନାବଜାର ଯାତ୍ରାର ମାହୋଲକୁ ଦ୍ୱିଗୁଣିତ କରୁଛି । ଶନିବାର ଓ ରବିବାର ମଧ୍ୟ ଆହୁରି ଅନେକ ରଥ ଓ କଳାକୁଞ୍ଜ ଯାତ୍ରା ଦାଣ୍ଡକୁ ଓହ୍ଲାଇବ। ସେପଟେ ବହୁ ପୁରାତନ ବେଶଧାରୀ ଦଳ ମଧ୍ୟ ଯାତ୍ରାକୁ ଅଧିକ ଚିତାକର୍ଷକ କରିବାକୁ ନିଜକୁ ପ୍ରସ୍ତୁତ କରୁଛନ୍ତି।

# ୨୧ରେ ସ୍ୱର୍ଣ୍ଣଜୟନ୍ତୀ ପାଳିବ ଚାମ୍ବର ଅଫ୍ କମର୍ସ

**ବ୍ରହ୍ମପୁର ଅଫିସ୍,୧୯।୪**

ଗଞ୍ଜାମ ଚାମ୍ବର ଅଫ୍ କମର୍ସର ସ୍ୱର୍ଣ୍ଣ ଜୟନ୍ତୀ ସମାରୋହ ଆସନ୍ତା ରବିବାର ପାଳନ କରାଯିବ। ଜଟାଧରେଶ୍ୱର ସ୍ୱାମୀ କଲ୍ୟାଣ ମଣ୍ଡପଠାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ସଭାପତି ଭି.ଭି. ରାମ ନରସିଂହ ରାଓ, ସମ୍ପାଦକ ସନ୍ତୋଷ କୁମାର ସାହୁ ଏବଂ ସ୍ୱର୍ଣ୍ଣ ଜୟନ୍ତୀ ପାଳନ କମିଟିର ଅଧ୍ୟକ୍ଷ କେ. ଶିବ ପ୍ରସାଦ ସୁବୁଦ୍ଧି ପ୍ରମୁଖ ପ୍ରକାଶ କରିଛନ୍ତି । ସ୍ୱର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମରେ ରାଜ୍ୟ ସୂଚନା କମିଶନର୍ ସୁନିଲ କୁମାର ମିଶ୍ର ମୁଖ୍ୟଅତିଥି ଏବଂ କନ୍‌ଫେଡେରେଶନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ(ସିଏଆଇଟି)ର ସର୍ବଭାରତୀୟ ସଭାପତି ବି.ସି ଭାଟିଆ ସମ୍ମାନିତ ଅତିଥି ଓ ସାଧାରଣ ସମ୍ପାଦକ ପ୍ରବୀଣ ଖଣ୍ଡେଲୱାଲ୍ ମୁଖ୍ୟବକ୍ତା ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ପୂର୍ବତନ ସଭାପତି ଏବଂ ସମ୍ପାଦକମାନଙ୍କୁ ଚାମ୍ବର ତରଫରୁ ସମ୍ମାନିତ କରାଯିବ । ମୋ ସ୍କୁଲ ଶ୍ରେଷ୍ଠ ସ୍କୁଲ ଯୋଜନାରେ ପୋଷ୍ୟଭାବେ ନିଆଯାଇଥିବା ୬ ସ୍କୁଲକୁ ଏକ ଲକ୍ଷ ୩୫ହଜାର ଟଙ୍କା ପ୍ରଦାନ କରାଯିବ। ଏଥିସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ ହେବ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି । ୧୯୪୨ରେ ବ୍ରହ୍ମପୁରର କେତେକ ବ୍ୟବସାୟୀଙ୍କୁ ନେଇ ବ୍ରହ୍ମପୁର ଚାମ୍ବର ଅଫ୍ କମର୍ସ ଗଠନ କରାଯାଇଥିଲା । ୧୯୬୭ ଜୁଲାଇ ୧ରେ ଏହାର ନାମ ପରିବର୍ତ୍ତନ ହୋଇ ଗଞ୍ଜାମ ଚାମ୍ବର ଅଫ୍ କମର୍ସ ହେଲା । ୧୯୬୮ ଡିସେମ୍ବର ୧୨ରେ ସୋସାଇଟି ରେଜିଷ୍ଟ୍ରେସନ୍ ଆକ୍ଟ ଅନୁଯାୟୀ ଏହି ସଂଗଠନ ପଞ୍ଜିକୃତ ହୋଇଛି। ଏହା ପରଠୁ ଅନବରତ ଭାବେ ଏହି ସଂଗଠନ ବ୍ୟବସାୟୀଙ୍କ ସ୍ୱାର୍ଥରକ୍ଷା ଦିଗରେ କାର୍ଯ୍ୟ କରୁଛି । ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ସରକାରୀ ନିୟମ ଏବଂ ବ୍ୟବସାୟିକ ଟିକସ ସମ୍ପର୍କରେ ଆଲୋଚନା ଚକ୍ର ଆୟୋଜନ ମଧ୍ୟ ହେଉଛି ବୋଲି କର୍ମକର୍ତ୍ତାମାନେ କହିଛନ୍ତି ।



ଖବରଦାତା ସମ୍ମିଳନୀରେ ଚାମ୍ବର ଅଫ୍ କମର୍ସର କର୍ମକର୍ତ୍ତମାନେ ।

# ନୂଆ ରୂପରେ ଶିବାରୂଢା କାଳୀ ରଥ

**ବ୍ରହ୍ମପୁର ଅଫିସ, ୧୯।୪**

ମା' ବୁଢୀ ଠାକୁରାଣୀ ଯାତ୍ରାରେ ଅନ୍ୟତମ ମୁଖ୍ୟ ଆକର୍ଷଣ ସାଜିଥାଏ ବିଭିନ୍ନ ସାହିର ରଥ ଓ କଳାକୁଞ୍ଜ । ସେଗୁଡିକ ମଧ୍ୟରେ ସ୍ୱତନ୍ତ୍ରତା ବହନ କରିଥାଏ ଷଣ୍ମହାନ୍ତି ସାହିର ଶିବାରୂଢା କାଳୀ ରଥ। ମା' ବୁଢୀଠାକୁରାଣୀଙ୍କ ଭଉଣୀ ଭାବେ ବିବେଚିତ ହୋଇ ଆସୁଥିବା ଏହି ରଥର ମସ୍ତକ ସ୍ଥାପନ ମା'ଙ୍କ ସମ୍ମୁଖରେ ହେବା ପରେ ସର୍ବସାଧାରଣଙ୍କ ପାଇଁ ତାହା ଖୋଲାଯିବା ବିଧି ରହିଛି। ଶୁକ୍ରବାର ଏହି ରଥ ଯାତ୍ରା ପରମ୍ପରା ଅନୁସାରେ ମା'ଙ୍କ ସମ୍ମୁଖରେ ମସ୍ତକ ସ୍ଥାପନ ପରେ ଏହା ସର୍ବସାଧାରଣଙ୍କ ସକାଶେ ଉନ୍ମୋଚିତ ହୋଇଛି । ତେବେ ରଥ ଅଧିକାରୀ ରବୀନ୍ଦ୍ର ସାହୁଙ୍କ କହିବା ପ୍ରକାରେ, ଏହି ରଥ ୧୯୯୭ରୁ ସାହିବାସିନ୍ଦାଙ୍କ ସହଯୋଗରେ ମା'ଙ୍କ ପ୍ରତି ଯାତ୍ରାରେ ଉନ୍ମୋଚିତ ହୋଇଆସୁଥିବା ବେଳେ ଚଳିତବର୍ଷ ଏହି ରଥ ସମ୍ପୂର୍ଣ୍ଣ ନୂଆ ରୂପରେ ଯାତ୍ରା ଦାଣ୍ଡକୁ ଆସିଛି। ୯୨ ବର୍ଷର ଏହି ପୁରାତନ ରଥର ନବୀକରଣ ପାଇଁ ଚଳିତବର୍ଷ ୨ ଲକ୍ଷ ୧୦ ହଜାର ଖର୍ଚ୍ଚ ହୋଇଛି। ରଥର ଉଚ୍ଚତା ୨୩ ଫୁଟ ଓ ଓସାର ୧୨ ଫୁଟ ଏବଂ ମୂର୍ତ୍ତିର ଉଚ୍ଚତା ୧୮ ଫୁଟ ରହିଛି। ଆନ୍ଧ୍ର ପ୍ରଦେଶ ଅଞ୍ଚଳର ମଞ୍ଜୁସା ଗ୍ରାମର ଆନନ୍ଦ ରାଓ କାରିଗରଙ୍କ ଦ୍ୱାରା ଏହା ନବୀକରଣ ହୋଇଛି । ମା'ଙ୍କ ପ୍ରତିମୂର୍ତ୍ତିର ଅଳଙ୍କାର କଟକ କାରିଗରଙ୍କ ଦ୍ୱାରା ନିର୍ମିତ ହୋଇଛି। ପରମ୍ପରା ଅନୁସାରେ ଷଷ୍ଠଦିନରେ ମା'ଙ୍କ ଆମନ୍ତ୍ରଣ ପରେ ଶୁକ୍ରବାର ମା'ଙ୍କ ସମ୍ମୁଖରେ ମସ୍ତକ ସ୍ଥାପନ କରାଯାଇ ରଥ ଖୋଲିଛି । ଏଥିରେ ମା' ଶିବାରୁଢା କାଳୀ ରଥ ପରିଚାଳନା କମିଟିର ସଭାପତି ଦେବରାଜ ଶତପଥୀଙ୍କ ସମେତ ଚିନ୍ତାମଣି ସାହୁ, ବସନ୍ତ କୁମାର ଗୌଡ, ଶଙ୍କର ସାହୁ ଓ ସମସ୍ତ ସାହିବାସିନ୍ଦା ସହଯୋଗ କରିଛନ୍ତି ।

# ମୁଖ୍ୟ ଡାକଘରେ ଦ୍ୱିତୀୟ କାଉଣ୍ଟର ଖୋଲାଯାଉ

**ବ୍ରହ୍ମପୁର ଅଫିସ,୧୯।୪**

### ସେବା ନିବୃତ୍ତ କର୍ମଚାରୀ-ଶିକ୍ଷକ ବିକାଶ ମଞ୍ଚର ଦାବି

ଦକ୍ଷିଣ ଓଡ଼ିଶାର ବଡ଼ ସହର ବ୍ରହ୍ମପୁର ମୁଖ୍ୟ ଡାକଘର ଏବେ ଅବ୍ୟବସ୍ଥା ମଧ୍ୟରେ ରହିଛି । ସେଠାରେ ଥିବା ଦୁଇ ଆସିଷ୍ଟାଣ୍ଟ ପୋଷ୍ଟମାଷ୍ଟର ଓ ଦୁଇଟି କାଉଣ୍ଟର ମଧ୍ୟରୁ ଗୋଟିଏ କାଉଣ୍ଟର ବନ୍ଦ କରିଦିଆଯାଇଛି। ଜଣେ ଆସିଷ୍ଟାଣ୍ଟ ପୋଷ୍ଟମାଷ୍ଟର ପଦ ଉଚ୍ଛେଦ କରାଯାଇଛି। ଫଳରେ ବରିଷ୍ଠ ନାଗରିକ ଓ ମହିଳା ଗ୍ରାହକମାନେ ହଇରାଣ ହେଉଥିବା ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଅଭିଯୋଗ ହୋଇଛି । ପୂର୍ବ ସ୍ଥିତି ତୁରନ୍ତ କାର୍ଯ୍ୟକାରୀ କରିବାକୁ ମଞ୍ଚ ଦାବି କରିଛି ।

ମଞ୍ଚ ପକ୍ଷରୁ କୁହାଯାଇଛି ମୁଖ୍ୟ ଡ଼ାକଘର ସହରର କେନ୍ଦ୍ରସ୍ଥଳ ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବାରୁ ପ୍ରତିଦିନ ଗ୍ରାହକଙ୍କ ଭିଡ଼ ଜମୁଛି । ଡାକ ସେବା ପାଇଁ ମାତ୍ର ଗୋଟିଏ କାଉଣ୍ଟର ଓ ଜଣେ ସହକାରୀ ପୋଷ୍ଟମାଷ୍ଟର ଅଛନ୍ତି । ସେହି କାଉଣ୍ଟରରେ ଗ୍ରାହକମାନେ ଲମ୍ବାଧାଡ଼ିରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ବହୁବାର ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ ସମସ୍ୟାର ସମାଧାନ ପ୍ରତି ଆଖି ବୁଜି ଦିଆଯାଇଛି । ଅପରପକ୍ଷରେ ଚିଠି ପତ୍ର ଲେଖିବା ଓ ଅନ୍ୟ କାର୍ଯ୍ୟପାଇଁ ସେଠାରେ ସ୍ୱତନ୍ତ୍ର ଭାବେ ଡେସ୍କ ନ ଥିବା ଆଉ ଏକ ସମସ୍ୟା ହୋଇଛି । ସମ୍ପାଦକ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା ଓ ମଞ୍ଚର ଅନ୍ୟ କର୍ମକର୍ତ୍ତାମାନେ କହିଛନ୍ତି ମହିଳା ଗ୍ରାହକ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ମୁଖ୍ୟ ଡ଼ାକଘର ପରିସରରେ ସ୍ୱତନ୍ତ୍ର ସୁବିଧା ଯୋଗାଇବାର ମୁଖ୍ୟ ଡ଼ାକପାଳ (ଚିଫ ପୋଷ୍ଟମାଷ୍ଟର ଜେନେରାଲ) ଦେଇଥିବା ପ୍ରତିଶ୍ରୁତି ଦୀର୍ଘଦିନ ପରେ ବି କାର୍ଯ୍ୟକାରୀ ହୋଇନାହିଁ । ସମସ୍ୟା ସମାଧାନରେ ଅଧିକ ବିଳମ୍ବ ହେଲେ ବରିଷ୍ଠ ନାଗରିକଙ୍କୁ ମେଳି କରି ମଞ୍ଚ ଆନ୍ଦୋଳନକୁ ଓହ୍ଲାଇ ବୋଲି ଚେତାବନୀ ଦିଆଯାଇଛି ।

# ହିଞ୍ଜିଳିରେ ୨୫ କୋଟି ବାଣ୍ଟିଛି ବିଜେଡି

**ବ୍ରହ୍ମପୁର ଅଫିସ,୧୯।୪**

### ପୀତାମ୍ବର ଆଚାର୍ଯ୍ୟଙ୍କ ଅଭିଯୋଗ

ହିଞ୍ଜିଳି ନିର୍ବାଚନ ମଣ୍ଡଳୀରେ ଏଥର ଲୋକମାନେ ଖୋଲାଖୋଲି ପରିବର୍ତ୍ତନର ସ୍ୱର ଉଠାଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ଜନମତ ସୃଷ୍ଟି ହୋଇଛି । ଏଥିରେ ଭୟଭୀତ ହୋଇ ମୁଖ୍ୟମନ୍ତ୍ରୀ ଯେନତେନ ପ୍ରକାରେ ନିର୍ବାଚନ ଜିତିବା ପାଇଁ ଅର୍ଥବଳ, ବାହୁବଳ ଏବଂ ପ୍ରଶାସନିକ କଳକୁ ବ୍ୟବହାର କରିଛନ୍ତି। ଭୋଟ୍ ଗ୍ରହଣର ଦିନେ ଦୁଇଦିନ ପୂର୍ବରୁ ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ପ୍ରାୟ ୨୫କୋଟି ଟଙ୍କା ବଣ୍ଟା ଯାଇଛି । ଜଣେ ଆଇଏଏସ୍, ଜଣେ ଆଇପିଏସ୍ ଏବଂ ଜଣେ ପୂର୍ବତନ ପ୍ରଶାସନିକ ଅଧିକାରୀ ଏହି ଟଙ୍କା ବଣ୍ଟନରେ ସମ୍ପୃକ୍ତ ଅଛନ୍ତି । ତଥାପି ଭାଜପାର ବିଜୟ ସୁନିଶ୍ଚିତ ବୋଲି ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ପୀତାମ୍ବର କହିଛନ୍ତି, ଲଗତାର ଭାବେ ମୁଖ୍ୟମନ୍ତ୍ରୀ ଏହି ନିର୍ବାଚନ ମଣ୍ଡଳୀରୁ ଜିତୁଥିଲେ ମଧ୍ୟ ବିକାଶ ଦିଗରେ କେବେ ଗୁରୁତ୍ୱ ଦେଇନାହାନ୍ତି। ଲୋକେ ବହୁ ଅସୁବିଧାରେ ରହିଛନ୍ତି । ଗତ ୨୧ଦିନ ଧରି ପ୍ରଚାର ବେଳେ ଅନେକ ଗ୍ରାମକୁ ଯାଇ ଲୋକଙ୍କ ସହ ମିଶିଛି। ଏଥିରେ ନବୀନ ବାବୁ ଭୟଭୀତ ହୋଇ ବିପୁଳ ଟଙ୍କା ବାଣ୍ଟିଛନ୍ତି । ପଞ୍ଚାୟତ ପିଚ୍ଛା ୫ରୁ ୭ଲକ୍ଷ ଏବଂ ବୁଥ୍ ପିଚ୍ଛା ଦୁଇରୁ ୩ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ବଣ୍ଟାଯାଇଛି। ଖଣି ଦୁର୍ନୀତି ଏବଂ ଚିଟ୍‌ଫଣ୍ଡ ଦୁର୍ନୀତିରୁ ମିଳିଥିବା ଟଙ୍କାକୁ ହିଞ୍ଜିଳି ନିର୍ବାଚନରେ ଖର୍ଚ୍ଚ କରାଯାଇଛି। କେବଳ ଏତିକି ନୁହଁ, ଅନେକ ସ୍ଥାନରେ ବୁଥ୍ ଦଖଲ ଉଦ୍ୟମ ହୋଇଛି । ୭ଟି ମତଦାନ କେନ୍ଦ୍ରରେ ବିଜେଡ଼ି କର୍ମୀମାନେ ବୁଥ୍ ଦଖଲ ଉଦ୍ୟମ କରିଥିଲେ। ହେଲେ କେନ୍ଦ୍ରୀୟ ସଶସ୍ତ୍ରବଳର ଯବାନ୍‌ମାନେ ସଜାଗ ରହି ଏହାକୁ ଭଣ୍ଡୁର କରିଛନ୍ତି। ଗୁଣ୍ଡାମାନେ ହିଞ୍ଜିଳିରେ ବିଜେଡ଼ିର ନିର୍ବାଚନ ପରିଚାଳନା କରୁଥିଲେ । କେବଳ ହିଞ୍ଜିଳିବାସୀ ନୁହନ୍ତି, ଆଗାମୀ ଦିନରେ ପ୍ରତ୍ୟେକ ଓଡ଼ିଶାବାସୀ ବିଜେଡ଼ି ଗୁଣ୍ଡାରାଜ୍‌ର ଦୃଢ଼ ଜବାବ୍ ଦେବେ। ନିର୍ବାଚନରେ ତାହା ପ୍ରତିଫଳିତ ହେବ ବୋଲି ପୀତାମ୍ବର ପ୍ରକାଶ କରିଛନ୍ତି । ଅନ୍ୟପଟେ ଇଭିଏମ୍ ଭଙ୍ଗା ଅଭିଯୋଗରେ ଗିରଫ ହୋଇଥିବା ଭାଜପାର ସୋରଡ଼ା ବିଧାୟକ ପ୍ରାର୍ଥୀ ନୀଳମଣି ବିଷୋୟୀଙ୍କ ଦଳ ପୂର୍ଣ୍ଣ ସମର୍ଥନ କରିବ ବୋଲି ସେ କହିଛନ୍ତି । ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ରାଘବ ପରିଡ଼ା ମଧ୍ୟ ଉପସ୍ଥିତ ଥିଲେ ।


ଖବରଦାତା ସମ୍ମିଳନୀରେ ପୀତାମ୍ବର ଆଚାର୍ଯ୍ୟ ଏବଂ ରାଘବ ପରିଡ଼ା।

## ସଂକ୍ଷେପରେ

ଭାଜପା ସମର୍ଥକଙ୍କୁ ହତ୍ୟା ଘଟଣା

### ଆଉ ୨ ଗିରଫ, ମୁଖ୍ୟ ଆସାମୀ ଫେରାର୍

**ସୋରଡ଼ା,୧୯।୪(ଡି.ଏନ୍.ଏ.):** ଗଞ୍ଜାମ ଜିଲା ସୋରଡ଼ା ଥାନା ଲାଠିପଡ଼ା ପଞ୍ଚାୟତ କଦଳୀଝୋଲା ଗ୍ରାମରେ ପୋଷ୍ଟର ଚିରାକୁ ନେଇ ଭାଜପା ସମର୍ଥକ ସନ୍ତୋଷ କୁମାର ପିତଙ୍କୁ ହତ୍ୟା କରାଯାଇଥିବା ଘଟଣାରେ ଶୁକ୍ରବାର ପୋଲିସ ଆଉ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜିତୁ ନାୟକ, ଗୋଲା ନାୟକ। ସନ୍ତୋଷଙ୍କ ବାପା ଗଣେଶଙ୍କ ଏତଲା କ୍ରମେ ବୁଧବାର ପୋଲିସ ନଂ. ୫୬/୧୯ରେ ଏକ ମାମଲା ରୁଜୁ କରି କୁମର ନାଇକଙ୍କୁ କାବୁ କରିଥିଲା।

ସୋରଡ଼ା ଥାନାଧିକାରୀ ପ୍ରଭାତ ସାହୁଙ୍କ ସୂଚନା ପ୍ରକାରେ, କୁମର, ଜିତୁ, ଗୋଲା ଏବଂ ଅନ୍ୟ ସାଥୀ ମିଶି ଘଟଣା ଦିନ ବିଭିନ୍ନ ସ୍ଥାନରେ ଲାଗିଥିବା ଭାଜପା ପୋଷ୍ଟର ଗୁଡ଼ିକୁ ବାହାର କରୁଥିଲେ। ଗ୍ରାମର ଗଣେଶ ଏହାକୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଯୁକ୍ତିତର୍କ ଚାଲିଥିବା ସମୟରେ ସନ୍ତୋଷ ମଧ ଉପସ୍ଥିତ ଥିଲେ। ଏହି ସମୟରେ ଅଭିଯୁକ୍ତଙ୍କ ସାଥୀ ଜଣକ ସନ୍ତୋଷଙ୍କୁ ଠେଙ୍ଗାରେ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଗୁରୁତର ସନ୍ତୋଷଙ୍କୁ ଭଞ୍ଜନଗର ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୁଖ୍ୟ ଆସାମୀଙ୍କୁ ଶୀଘ୍ର ଧରାଯିବା ବୋଲି ସାହୁ କହିଛନ୍ତି।

### ବିଜେଡିରେ ମିଶିଲେ ଅନ୍ୟ ଦଳର କର୍ମୀ

**ତିହିଡ଼ି, ୧୯।୪ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ନିର୍ବାଚନମଣ୍ଡଳୀର ତିହିଡ଼ି ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଉପରଦୁମୁକା ଗ୍ରାମରେ ଶୁକ୍ରବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମିତିସଭ୍ୟ ଯଶୋବନ୍ତ ମଲିକ ପୌରୋହିତ୍ୟ କରିଥିଲେ। ଧାମନଗର ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର କୁମାର ଦାସ ଏଥିରେ ଯୋଗଦେଇ ଲୋକଙ୍କ ଅଭାବ ଅସୁବିଧା ବେଳେ ପାଖରେ ଠିଆ ହୋଇଥିବା ବିଜେଡିକୁ ନିର୍ବାଚନରେ ଭୋଟ ଦେବାକୁ କର୍ମୀମାନଙ୍କୁ କହିଥିଲେ। ବ୍ଲକ ଅଧକ୍ଷା ବିଦ୍ୟୁତଲତା ନାୟକ, ରାଜ୍ୟ ମହିଳାମୋର୍ଚ୍ଚା ଉପସଭାନେତ୍ରୀ ଦେବକୀ ଦାସ, ଜିଲାପରିଷଦ ସଭ୍ୟ କମଳାକାନ୍ତ ଦାସ, ସରପଞ୍ଚ ଝରଣା ବାରିକ, ବିଲଣା ସରପଞ୍ଚ ଭାଗୀରଥି ମଲିକ, ପୂର୍ବତନ ଜିଲାପରିଷଦ ସଭ୍ୟ ଦେବେନ୍ଦ୍ର ପୁହାଣ, ଆଦିତ୍ୟ ଜେନା ପ୍ରମୁଖ ଯୋଗଦେଇ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଚୈତନ୍ୟ ନାୟକଙ୍କ ନେତୃତ୍ୱରେ ୱାର୍ଡସଭ୍ୟା ପ୍ରତିମା ଖିଲାର, ଚଞ୍ଚଳା ବାରିକ, ସୁନିତା ବାରିକ, ତଅପୋଇ ବାରିକ, ନୃସିଂହ ବାରିକ, ସୁବାସ ବାରିକ, ସୁଧାକର ପରିଡ଼ା, କରୁଣାକର କୁଅଁର, ପ୍ରାଣବନ୍ଧୁ ନାୟକ, ଭାସ୍କର ପରିଡ଼ା ପ୍ରମୁଖ ୩୦ରୁ ଉର୍ଦ୍ଧ୍ୱ ଅନ୍ୟ ଦଳର କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ରମେଶ ନାୟକ, ବଳରାମ ବାରିକ, ବିଚିତ୍ର ମଲିକ, ନିଶାକର ରାଉତ, ନିରାକାର ମଲିକ, ସୁବାଶିଷ ଦାସ ଓ ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୁରୁଣା ବାରିପଦାରେ ଉଡ଼ାଯାତ୍ରା

**କୁଆମରା,୧୯।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ପୁରୁଣା ବାରିପଦାଠାରେ ୩ ଦିନ ଧରି ଅନୁଷ୍ଠିତ ଉଡାଯାତ୍ରା ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ପୋଖରୀ ନିକଟରୁ ଦାସୀମାନେ ଆଜ୍ଞାମାଳ ନେଇ ଏକ ବିରାଟ ପଟୁଆରରେ ଉଡାଖୁଣ୍ଟ ନିକଟରେ ପହଞ୍ଚିବା ପରେ ପ୍ରଥମେ ମୁଖ୍ୟଦାସୀ ଉଡିବା କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ମୋଟ ୧୯ ଜଣ ଉଡାଖୁଣ୍ଟ ଦୋଳିରେ ଉଡିଥିଲେ। ଅନେକ ଶ୍ରଦ୍ଧାଳୁ ଉପସ୍ଥିତ ରହି ଉଡାଯାତ୍ରାର କାର୍ଯ୍ୟକ୍ରମ ଦେଖିଥିଲେ। ଯାତ୍ରାର ପ୍ରତ୍ୟେକ ସନ୍ଧ୍ୟାରେ ନିଆଁ ପାଟ, ଝୁଲା ପାଟ ଓ କଣ୍ଟା ପାଟ ପ୍ରଭୃତି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଅଜିତ ମଳିକ, ବାବୁଧର ଦେହୁରୀ, ଗଜେନ୍ଦ୍ର ମଳିକ, ଚୈତନ୍ୟ ଜେନା ପ୍ରମୁଖ ମୁଖ୍ୟଦାସୀ ଭାବେ କାର୍ଯ୍ୟ ତୁଲାଇଥିଲେ । କୁଳମଣି ଚୌଧୁରୀ, ଜଟିଆ ଦେହୁରୀ, ଭାଲୁ ଦେହୁରୀ, ଅନାମ ମଳିକ ପ୍ରମୁଖ ଯାତ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ମତଦାନ ପ୍ରତି ଭୋଟର ବିମୁଖ

**ବ୍ରହ୍ମପୁର ଅଫିସ୍,୧୯।୪**



■୨୦୧୪ ତୁଳନାରେ କମିଛି ଭୋଟ ହାର
■ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ କମିଲା ମତଦାନ ହାର
■ଆସିକା ଲୋକ ସଭାରେ ବଢ଼ିଲା, ବ୍ରହ୍ମପୁରରେ କମିଲା

ବ୍ୟାପକ ସଚେତନତା କାର୍ଯ୍ୟକ୍ରମ, ପଥପ୍ରାନ୍ତ ନାଟକ, ବିଜ୍ଞାପନ ଏବଂ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରିବା ସତ୍ତ୍ୱେ ଗଞ୍ଜାମ ଜିଲାରେ ଚଳିତ ନିର୍ବାଚନରେ ମତଦାନ ହାର ନିରୁତ୍ସାହଜନକ ରହିଛି । ରାଜନୈତିକ ଦୃଷ୍ଟିକୋଣରୁ ସମ୍ବେଦନଶୀଳ ଅଞ୍ଚଳ କୁହାଯାଉଥିବା ଏହି ଜିଲାରେ ଲଗାତାର ଭାବେ ମତଦାନ ପ୍ରତିଶତ କମିବାରେ ଲାଗିଛି । ଖୋଦ୍ ମୁଖ୍ୟମନ୍ତ୍ରୀ ଏବଂ ୩ ମନ୍ତ୍ରୀ ଏହି ଜିଲାରୁ ପ୍ରତିନିଧିତ୍ୱ କରୁଥିଲେ ମଧ ଭୋଟର୍‌ମାନେ ମତଦାନ କେନ୍ଦ୍ରକୁ ଯିବାକୁ ପସନ୍ଦ କରୁନାହାନ୍ତି । ଜିଲାରେ ଦୁଇଟି ପର୍ଯ୍ୟାୟରେ ହୋଇଥିବା ମତଦାନ ପ୍ରତିଶତକୁ ଦେଖିଲେ ଏହା ସ୍ପଷ୍ଟ ଜଣାପଡୁଛି ।

ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦୧୪ରେ ୬୨.୨୮ପ୍ରତିଶତ ମତଦାନ ରେକର୍ଡ଼ କରାଯାଇଥିଲା । ମୋଟ ୧ଲକ୍ଷ ୮୩ହଜାର ୪୪୪ଜଣ ଭୋଟର୍ ଥିବା ବେଳେ ମତ ସାବ୍ୟସ୍ତ କରିଥିଲେ ୧ ଲକ୍ଷ ୧୪ହଜାର ୨୪୩ଜଣ । ଚଳିତ ନିର୍ବାଚନରେ ଏଥିରେ ଦ୍ରୁତ ହ୍ରାସ ଘଟିଛି । ମାତ୍ର୫୬.୨୦ପ୍ରତିଶତମତଦାନହୋଇଛି । ମୋଟ ୨ଲକ୍ଷ ୧୦ହଜାର ୯୩୭ଜଣ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୧୮ହଜାର ୫୪୯ଜଣ ମତଦାନ କରିଛନ୍ତି । କେବଳ ବ୍ରହ୍ମପୁର ବିଧାନସଭା ନୁହେଁ, ବ୍ରହ୍ମପୁର ଲୋକ ସଭା ଅଧୀନ ଅନ୍ୟାନ୍ୟ ବିଧାନସଭାରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି । ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ୨୦୧୪ରେ ଭୋଟର୍ ଥିଲେ ୧ ଲକ୍ଷ ୭୯ହଜାର ୬୪୯ଜଣ । କିନ୍ତୁ ଭୋଟ୍ ଦେଇଥିଲେ ୧ ଲକ୍ଷ ୧୭ହଜାର ୭୨୯ଜଣ । ୬୫.୫୩ ପ୍ରତିଶତ ଭୋଟିଂ ହୋଇଥିଲା । ଏହା ୨୦୧୯ରେ କମିଛି । ମୋଟ ୨ ଲକ୍ଷ ୧୩ହଜାର ୩୧୦ଜଣ ଭୋଟର୍ ଥିବା ବେଳେ ମତଦାନ କରିଛନ୍ତି ମାତ୍ର ୧ ଲକ୍ଷ ୩୪ହଜାର ୮୬ଜଣ । ଅର୍ଥାତ୍ ମତଦାନ ହାର ରହିଛି ୬୨.୮୬ପ୍ରତିଶତ । ଯାହା ୨୦୧୪ ତୁଳନାରେ ଖୁବ୍ କମ୍ । ଛତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦୧୪ରେ ୬୭.୨୧ପ୍ରତିଶତ ମତଦାନ ହୋଇଥିଲା । ମୋଟ ୨ ଲକ୍ଷ ୬ହଜାର ୭୨୬ଜଣ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୩୮ହଜାର ୯୩୫ଜଣ ଭୋଟ୍ ଦେଇଥିଲେ । ହେଲେ ୨୦୧୯ରେ ମାତ୍ର ୬୬.୪୦ପ୍ରତିଶତ ମତଦାନ ରେକର୍ଡ଼ କରାଯାଇଛି । ଦୁଇ ଲକ୍ଷ ୨୫ହଜାର ୪୨ଜଣଙ୍କ ମଧ୍ୟରୁ ଏକ ଲକ୍ଷ ୪୯ହଜାର ୪୩୨ଜଣ ଭୋଟ୍ ଦେଇଛନ୍ତି । ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀରେ ୨୦୧୪ରେ ୬୮.୨୬ପ୍ରତିଶତ ଭୋଟିଂ ହୋଇଥିଲା । ୧ ଲକ୍ଷ ୮୮ହଜାର ୨୪୪ଜଣ ଭୋଟରଙ୍କ ମଧ୍ୟରୁ ଏକ ଲକ୍ଷ ୨୮ହଜାର ୫ଶହ ଜଣ ଭୋଟ୍ ଦେଇଥିଲେ । ଯାହା ୨୦୧୯ରେ କମିଯାଇଛି । ୨ ଲକ୍ଷ ୧୪ହଜାର ୨୧୭ଜଣ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୪୩ହଜାର ୭୦ଜଣ ଭୋଟ୍ ଦେଇଛନ୍ତି। ମତଦାନ ପ୍ରତିଶତ ରହିଛି ମାତ୍ର ୬୬.୭୯ ପ୍ରତିଶତ। ସେହିଭଳି ଚିକିଟି ନିର୍ବାଚନ ମଣ୍ଡଳୀରେ ମଧ୍ୟ ଭୋଟଦାନ ହାର କମିଛି । ୨୦୧୪ରେ ୬୭.୭୭ ପ୍ରତିଶତ ଭୋଟିଂ ହୋଇଥିଲା । ୧ ଲକ୍ଷ ୮୭ହଜାର ୯୬୩ଜଣଙ୍କ ମଧ୍ୟରୁ ଏକ ଲକ୍ଷ ୨୭ହଜାର ୩୭୫ଜଣ ଭୋଟ୍ ଦେଇଥିଲେ । ହେଲେ ୨୦୧୯ରେ ମାତ୍ର ୬୧.୯୯ପ୍ରତିଶତ ମତଦାନ ରେକର୍ଡ଼ କରାଯାଇଛି । ୨ ଲକ୍ଷ ୮ହଜାର ୭୩୬ଜଣ ଭୋଟରଙ୍କ ମଧ୍ୟରୁ ଏକ ଲକ୍ଷ ୨୯ହଜାର ୩୯୬ଜଣ ଭୋଟ୍ ଦେଇଛନ୍ତି ।

ତେବେ ବ୍ରହ୍ମପୁର ଲୋକ ସଭା ନିର୍ବାଚନ ମଣ୍ଡଳୀ ଅପେକ୍ଷା ଆସିକା ଲୋକସଭା ନିର୍ବାଚନ ମଣ୍ଡଳୀରେ ଭୋଟଦାନ ହାର ଅଧିକ ରହିଛି । ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦୧୪ରେ ୫୯.୩୪ପ୍ରତିଶତ ମତଦାନ ରେକର୍ଡ଼ କରାଯାଇଥିବା ବେଳେ ୨୦୧୯ ମସିହାରେ ଏଥିରେ ବୃଦ୍ଧି ହୋଇ ମତଦାନ ହାର ୬୨.୫୬ପ୍ରତିଶତ ରହିଛି । ସୋରଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦୧୪ରେ ୬୫.୫୪ପ୍ରତିଶତ ମତଦାନ ହୋଇଥିବା ବେଳେ ୨୦୧୯ରେ ଏହା ବଢ଼ି ୬୮.୭୩ ପ୍ରତିଶତରେ ପହଞ୍ଚିଛି। ସାନଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦୧୪ରେ ୬୬.୩୨ପ୍ରତିଶତ ମତଦାନ ହୋଇଥିବା ବେଳେ ଦ୍ରୁତ ହ୍ରାସ ଘଟିଛି । ଚଳିତ ବର୍ଷ ମାତ୍ର ୬୪.୯୪ପ୍ରତିଶତ ମତଦାନ ରେକର୍ଡ଼ କରାଯାଇଛି । ପୋଲସରା ନିର୍ବାଚନ ମଣ୍ଡଳୀରେ ୨୦୧୪ରେ ୬୫.୧୯ପ୍ରତିଶତ ଭୋଟିଂ ହୋଇଥିବା ବେଳେ ୨୦୧୯ରେ ୬୬.୮୫ପ୍ରତିଶତ ମତଦାନ ରେକର୍ଡ଼ ହୋଇଛି। କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ୨୦୧୪ ମସିହାରେ ୬୪.୪ପ୍ରତିଶତ ମତଦାନ ହୋଇଥିବା ବେଳେ ୨୦୧୯ ମସିହାରେ ୬୪.୬୯ପ୍ରତିଶତ ମତଦାନ ରହିଛି । ଖଲିକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦୧୪ରେ ୬୩.୬୧ପ୍ରତିଶତ ମତଦାନ ରହିଥିବା ବେଳେ ୨୦୧୯ରେ ୬୬.୩୬ପ୍ରତିଶତ ମତଦାନ ରେକର୍ଡ଼ କରାଯାଇଛି ।

ସୁସ୍ଥ ଗଣତନ୍ତ୍ର ପାଇଁ ମତଦାନ ହାର ବୃଦ୍ଧି ଜରୁରୀ । ହେଲେ ୨୦୧୪ ତୁଳନାରେ ୨୦୧୯ ମସିହାରେ ମତଦାନ ହାର କମିବା, କେବଳ ରାଜନୈତିକ ମହଲ ନୁହେଁ, ପ୍ରଶାସନିକ ସ୍ତରରେ ମଧ୍ୟ ଚିନ୍ତାର ବିଷୟ ପାଲଟିଛି ।

## ସେଲ୍ଫି କର୍ଣ୍ଣର



ଶ୍ରୀମନ୍ତ



ସୁମିତ୍

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

# ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ସହ ଆସିଲେ ପୋଲିଂ ପାର୍ଟି

**ଫୁଲବାଣୀ ଅଫିସ/ତୁମୁଡିବନ୍ଧ (ଡି.ଏନ୍.ଏ.) ୧୯।୪**

କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ ସିଲା ପଞ୍ଚାୟତର ଏକ ବିଦ୍ୟାଳୟରେ ୧୩୭ ଓ ୧୩୮ ନମ୍ବର ବୁଥ୍‌ରେ ଗୁରୁବାର ଭୋଟ ଗ୍ରହଣ କରାଯାଇଥିଲା । ୪ଟାରେ ଭୋଟ କେନ୍ଦ୍ରରେ ଲୋକଙ୍କ ଗହଳି ଲାଗିଥିଲା । ଫଳରେ ସମସ୍ତଙ୍କୁ ଭୋଟ ଦେବା ଲାଗି ଚିରିକୁଟି ଦିଆଯାଇଥିଲା । ପ୍ରାୟ ରାତି ୮ଟାରେ ଭୋଟଦାନ ଶେଷ ହୋଇଥିଲା । ପୋଲିଂ ପାର୍ଟିର ଆନୁଷଙ୍ଗିକ କାର୍ଯ୍ୟ ସରିବା ବେଳକୁ ୮ଟା ୪୫ ହୋଇଯାଇଥିଲା । ଉକ୍ତ ଅଞ୍ଚଳରେ ମାଓବାଦୀ କିଛି ଅଘଟଣ ଘଟାଇବେ ବୋଲି କୌଣସି ସୂତ୍ରରୁ ସିଆରପିଏଫ ଯବାନ ସୂଚନା ପାଇଥିଲେ । ତେଣୁ ପୋଲିଂ ପାର୍ଟି ଗାଡିରେ ନ ଆସି ଜଙ୍ଗଲରେ ଆସିବା ପାଇଁ ଯୋଜନା ହୋଇଥିଲା । ରାତି ପ୍ରାୟ ୯ଟାରେ ପୋଲିଂ ପାର୍ଟିକୁ ଧରି ସିଆରପିଏଫ ଯବାନ ଜଙ୍ଗଲ ମଧ୍ୟରେ ଚାଲିବା ଆରମ୍ଭ କରିଥିଲେ।



ତୁମୁଡିବନ୍ଧରେ ପହଞ୍ଚିଥିବା ପୋଲିଂ ପାର୍ଟି।

**ମାଓବାଦୀ ଭୟ**

ପ୍ରାୟ ୧୭ କି.ମି. ଚାଲିବା ପରେ ରାତି ୧ଟାରେ ତୁମୁଡିବନ୍ଧ ବ୍ଲକରେ ପହଞ୍ଚିଥିଲେ । ସେହିପରି ଲଙ୍କାଗଡର ଦୁଇଟି ବୁଥରେ ଭୋଟ ଗ୍ରହଣ ବିଳମ୍ବ ହେବାରୁ ରାତି ହୋଇଯାଇଥିଲା । ଫଳରେ ପୋଲିଂ ପାର୍ଟି ଆସି ନ ପାରି ରହିଥିଲେ । ସକାଳ ୭ଟାରୁ ଜଙ୍ଗଲ ବାଟ ଦେଇ ତୁମୁଡିବନ୍ଧରେ ମଧ୍ୟାହ୍ନ ୧୨ଟାରେ ପହଞ୍ଚିଥିଲେ। ଅନ୍ୟପକ୍ଷରେ ଫିରିଙ୍ଗିଆ ବ୍ଲକ ପାହିରାଜୁ ପଞ୍ଚାୟତ ୧୩ ନଂ ବୁଥ୍‌ରେ ମଧ ସମାନ ଅବସ୍ଥା ହୋଇଥିଲା। ଲ୍ୟାଣ୍ଡମାଇନ ବିସ୍ଫୋରଣ ଆଶଙ୍କା କରି ସୁରକ୍ଷା କର୍ମୀମାନେ ପୋଲିଂ ପାର୍ଟିକୁ ମଧ ଜଙ୍ଗଲ ଦେଇ ସୁରକ୍ଷା ବଳୟରେ ବାଲନ୍ଦାପଡା କ୍ୟାମ୍ପରେ ପହଞ୍ଚାଇଥିଲେ ।

### ବିଜେଡିର ମିଶ୍ରଣ ପର୍ବ, ଶୋଭାଯାତ୍ରା

**ତିହିଡ଼ି, ୧୯।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ତିହିଡ଼ି ବ୍ଲକ ଅନ୍ତର୍ଗତ ଦୌଲତପୁର ପଞ୍ଚାୟତ ପୀରହାଟ ବଜାରରେ ଗୁରୁବାର ଅପରାହ୍ନରେ ବିଜେଡିର ମିଶ୍ରଣପର୍ବ ଓ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଯୁବନେତା ହିମାଦ୍ରୀ ମିଶ୍ର ପୌରୋହିତ୍ୟ କରିଥିଲେ। ଏହି ଅବସରରେ କଂଗ୍ରେସ ନେତା ନରେନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ପ୍ରଦୀପ ମିଶ୍ର, ରମାକାନ୍ତ ବେହେରା, ଉମାକାନ୍ତ ବେହେରା, ଲିପନ ମିଶ୍ର, ମିଟୁ ସେନାପତି, ଗୋପୀନାଥ ବାରିକ ପ୍ରମୁଖ ୫୦ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଚାନ୍ଦବାଲି ବିଧାୟକ ପ୍ରାର୍ଥୀ ବ୍ୟୋମକେଶ ରାୟ ନୂତନ କର୍ମୀମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏଥିସହ ତିହିଡ଼ି ବ୍ଲକରେ ପୂର୍ବପରି ବିକାଶର ଧାରା ଚାଲୁ ରହିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

# କଂଗ୍ରେସର ପ୍ରଚାର ଜମୁଛି



କଂଗ୍ରେସ ବିଧାୟକ ପ୍ରାର୍ଥୀ ଦିଗମ୍ବର ଦାସଙ୍କ ବାଇକ୍ ଶୋଭାଯାତ୍ରା।

**ଚାନ୍ଦବାଲି, ୧୯।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବିଧାନସଭା ଆସନ ପାଇଁ ଦିଗମ୍ବର ଦାସ କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି। ସେ ବ୍ଲକ କଂଗ୍ରେସ କମିଟିର ସଭାପତି ଅଛନ୍ତି। ବିଳମ୍ବରେ ତାଙ୍କ ନାମ ଘୋଷଣାକୁ ନେଇ ଦଳୀୟ କର୍ମୀ ମହଲରେ କିଛିଟା ନିରାଶଭାବ ଦେଖାଯାଇଥିଲା। ଏବେ ତାଙ୍କର ପ୍ରଚାର ଜମୁଛି। ଦିଗମ୍ବର ମତୋରୁ ଚାନ୍ଦବାଲି ପ୍ରାୟ ୧୦ କି.ମି. ଏକ ବାଇକ୍ ରାଲି କରିଛନ୍ତି। କଂଗ୍ରେସ ନେତୃବର୍ଗଙ୍କ ସହ ବାମଦଳର ନେତାମାନେ ମଧ ଏଥିରେ ସାମିଲ ହୋଇଥିଲେ। ଏକ ଖୋଲାଗାଡ଼ିରେ ଦୁଇ ଦଳର ନେତା ନିଜ ନିଜର ଦଳୀୟ ପତାକା ମାରି ପ୍ରଚାର କରିଛନ୍ତି। ପ୍ରଚାର ବେଳେ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ବହୁସଂଖ୍ୟକ ଯୁବ କଂଗ୍ରେସ କର୍ମୀ ରାଲିରେ ସାମିଲ ଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକମାରଣ ନୀତି ଓ ବେକାରି ସମସ୍ୟାକୁ ବିରୋଧ କରିବା ସହ ଚାନ୍ଦବାଲିରେ ବିଭିନ୍ନ ନଦୀଘାଟରେ ପକ୍କାପୋଲ ନିର୍ମାଣର ପ୍ରତିଶ୍ରୁତି ନେଇ ଦିଗମ୍ବର ଭୋଟରଙ୍କୁ ଭେଟୁଛନ୍ତି। ପ୍ରଚାର ଶୋଭାଯାତ୍ରାରେ ବିଧାୟକ ପ୍ରାର୍ଥୀ ଦିଗମ୍ବର, ଏମ୍‌ପି ପ୍ରାର୍ଥୀ ମଧୁମିତା ସେଠୀ, ସୁଲୋଚନା ନାୟକ, ନୁରୁ ମହମ୍ମଦ ଇସ୍‌ମାଇଲ, ହରେନ୍ଦ୍ର ମାଇତି, ମନୋଜ ବିଶ୍ୱାଳ, ମାନସ ବାରିକ, ଅଭୟ ସାହୁଙ୍କ ସମେତ ବାମପନ୍ଥୀ ନେତା ଉପେନ୍ଦ୍ର ରାଉଳ ପ୍ରମୁଖ ସାମିଲ ହୋଇଥିଲେ।

# ଭାଜପାର ବିଜୟ ସଂକଳ୍ପ ସଭା

**ଢେଙ୍କିକୋଟ, ୧୯।୪(ଡି.ଏନ.ଏ.)**

ଢେଙ୍କିକୋଟ ପଞ୍ଚାୟତ ଟିକିରା ଗ୍ରାମ ପଡ଼ିଆରେ ଶୁକ୍ରବାର ୪ଟା ବେଳେ ଭାଜପାର ଏକ ବିଜୟ ସଂକଳ୍ପ ସଭା ହୋଇଥିଲା। ଏହି ସଭାରେ ଘସିପୁରା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ଭାବେ ଛିଡ଼ା ହୋଇଥିବା ପୃଥ୍ୱୀରାଜ କୁଅର ସହ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅମର ସିଂ, ନାରୀ ନେତ୍ରୀ ମମତା ସିଂ, ଅଭିନେତ୍ରୀ ତଥା ଭାଜପା ସଦସ୍ୟା ଅନୁଚୌଧୁରୀ ଏବଂ ହାସ୍ୟ ଅଭିନେତା ହରିହର ମହାପାତ୍ର ଯୋଗ ଦେଇଥିଲେ। ହେଲିକ୍ୟାପଟର ଯୋଗେ ଆସି ଉପସ୍ଥିତ ଜନସାଧାରଣଙ୍କୁ କେନ୍ଦ୍ର ଏବଂ ରାଜ୍ୟରେ ପୁନର୍ବାର ପଦ୍ମଫୁଲ ଚିହ୍ନରେ ଭୋଟ୍ ଦେବାକୁ ଲୋକଙ୍କୁ କହିଥିଲେ। ଘସିପୁରା ନିର୍ବାଚନ ମଣ୍ଡଳୀର ଏକଛତ୍ରବାଦ, ଗୁଣ୍ଡା ଶାସନକୁ ବଦଳାଇବା ପାଇଁ କହିଥିଲେ। କେନ୍ଦୁଜର ଜିଲା ଉପସଭାପତି ଅଖିଳ ଚନ୍ଦ୍ର ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଜିଲା ସାଧାରଣ ଯୁବମୋର୍ଚ୍ଚା ସମ୍ପାଦକ ଜିତେନ୍ଦ୍ର ପଲେଇ ଉପସ୍ଥିତ ଥିଲେ। ଢେଙ୍କିକୋଟ ମଣ୍ଡଳ ସଭାପତି ଇନ୍ଦ୍ରମଣି ମହାନ୍ତ ସଭା ଆୟୋଜନ କରିଥିଲେ।



ଆୟୋଜିତ ସଭାରେ ଭାଜପା ନେତୃବୃନ୍ଦ।

■ ବ୍ରହ୍ମପୁର ମହାନଗରରେ ଜିପିଏସ ଫେଲ

# ମୁକୁଳା ବୁଲୁଛି ପିସିଆର ଭ୍ୟାନ

**ବ୍ରହ୍ମପୁର ଅଫିସ,୧୯।୪**

ବ୍ରହ୍ମପୁର ମହାନଗରରେ ଶାନ୍ତି ଶୃଙ୍ଖଳା ତଥା ଟ୍ରାଫିକ ନିୟନ୍ତ୍ରଣ ପାଇଁ ପିସିଆର ଭ୍ୟାନ ଆରମ୍ଭ କରାଯାଇଥିଲା । ସହର ସାରା ଏହି ଭ୍ୟାନ ବୁଲି ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରୁଥିଲା। ପୁଣି ପିସିଆର ଭ୍ୟାନଗୁଡ଼ିକର ସ୍ଥିତି ଜାଣିବା ପାଇଁ ଗ୍ଲୋବାଲ ପୋଜିସନିଂ ସିଷ୍ଟମ (ଜିପିଏସ) ମଧ ଆରମ୍ଭ କରାଗଲା । ହେଲେ ବର୍ତ୍ତମାନ ଜିପିଏସ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ପିସିଆର ଭ୍ୟାନର ସ୍ଥିତି ସମ୍ପର୍କରେ ଠିକ୍ ସୂଚନା ମିଳୁନାହିଁ । ଯଦ୍ୱାରା ପିସିଆର ଭ୍ୟାନଗୁଡ଼ିକ ଠିକ୍ ଭାବେ ଦାୟିତ୍ୱ ସମ୍ପାଦନ କରୁ ନ ଥିବା ସାଧାରଣରେ ଅଭିଯୋଗ ହେଉଛି ।

ଟ୍ରାଫିକ ଥାନା ଅଧୀନରେ ୪ଟି ପିସିଆର ଭ୍ୟାନ ରହିଛି । ଏହି ଭ୍ୟାନ ବୁଲି ଟ୍ରାଫିକ ସମସ୍ୟା ସହିତ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରୁଥିଲା। ହେଲେ ଉଦଘାଟନର କିଛି ମାସ ପରେ ଏହି ବ୍ୟବସ୍ଥା ଫେଲ ମାରିଥିଲା। ପିସିଆର ଭ୍ୟାନଗୁଡ଼ିକ ନିଜ ଦାୟିତ୍ୱରେ ଅବହେଳା କରି ସହରର ବିଭିନ୍ନ ଗଳିକନ୍ଦିରେ ପଇଁତରା ନ ମାରି



ଟ୍ରାଫିକ ଥାନା ପରିସରରେ ଥିବା ପିସିଆର ଭ୍ୟାନ ।

ବିଭିନ୍ନ ଛକ ସ୍ଥାନରେ ଅଟକି ରହୁଥିବା ଦେଖିବାକୁ ମିଳିଥିଲା। ଅପରାଧ କିମ୍ବା ଗଣ୍ଡଗୋଳ ସ୍ଥାନରେ ପିସିଆର୍‌ରେ ଥିବା ପୋଲିସ କର୍ମଚାରୀଙ୍କ ଠିକ୍ ସମୟରେ ପହଞ୍ଚି ପାରୁ ନ ଥିବା ନେଇ ଅଭିଯୋଗ ହୋଇଥିଲା । ତେଣୁ ପିସିଆର ଭ୍ୟାନ ସମ୍ପର୍କରେ ଜାଣିବା ପାଇଁ ଜିପିଏସ୍ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା । ଅତି ସହଜରେ ପିସିଆର ଭ୍ୟାନର ସ୍ଥିତି ଜଣାପଡ଼ି ଯାଉଥିଲା। କୌଣସି ସ୍ଥାନରେ ଅପରାଧ କି ଦୁର୍ଘଟଣା ଘଟିଲେ ନିକଟରେ ଥିବା ପିସିଆର ଭ୍ୟାନକୁ ପୋଲିସ କଣ୍ଟ୍ରୋଲ ରୁମରୁ ତୁରନ୍ତ ନିର୍ଦ୍ଦେଶ ଦିଆଯାଇ ସେଠାକୁ ପଠାଇ ଦିଆଯାଉଥିଲା। ହେଲେ ବର୍ତ୍ତମାନ ଜିପିଏସ୍ ଠିକ୍ ଭାବେ କାମ କରୁନଥିବାରୁ ପିସିଆର ଭ୍ୟାନଗୁଡ଼ିକର ସ୍ଥିତି ଜଣାପଡୁନାହିଁ । ଯାହା ଫଳରେ ପିସିଆର ଭ୍ୟାନ କେଉଁ ସ୍ଥାନରେ ପଇଁତରା ମାରୁଛି ତାହା ସ୍ପଷ୍ଟ ହୋଇପାରୁନାହିଁ । ତୁରନ୍ତ ଘଟଣାସ୍ଥଳକୁ ପଠାଇବା ପାଇଁ ପୋଲିସ କଣ୍ଟ୍ରୋଲ ରୁମରୁ କେଉଁ ପିସିଆର ଭ୍ୟାନକୁ ନିର୍ଦ୍ଦେଶ ଦିଆଯିବ ସେନେଇ ଅଧିକାଂଶ ସମୟ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି । ସେପଟେ ପ୍ରତ୍ୟେକ ପିସିଆର ଭ୍ୟାନ ପାଇଁ ପ୍ରତି ମାସରେ ୨୫୦ ଲିଟର ତେଲ ଯୋଗାଇ ଦିଆଯାଉଛି । ମୋଟ ୪ଟି ଭ୍ୟାନ ପାଇଁ ମାସକୁ ୧ ହଜାର ଲିଟର ତେଲ ପୋଡ଼ାଯାଉଛି । ଏହି ଭ୍ୟାନଗୁଡ଼ିକ ସହର ସାରା ଘୁରି ବୁଲି ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା କଥା । ହେଲେ ଅଧିକାଂଶ ସମୟ ପିସିଆର ଭ୍ୟାନଗୁଡ଼ିକ ପୁରୁଣା ବସଷ୍ଟାଣ୍ଡସ୍ଥିତ ଟ୍ରାଫିକ ଟାୱାର ନିକଟରେ ଛିଡ଼ା ହୋଇ ରହୁଥିବା ଦେଖିବାକୁ ମିଳୁଛି । ଯଦ୍ୱାରା ବିଗତ ଦିନରେ ସ୍ପଷ୍ଟ ଦିବାଲୋକରେ ଚୋରି, ଲୁଟ ଭଳି ଘଟଣା ଘଟିଯାଇଛି। ଏନେଇ ପୁଣି ଥରେ କାଯର୍‌ୟକ୍ଷମ ପାଇଁ ସରକାରଙ୍କୁ ଜଣାଇ ଦିଆଯାଇଛି । ଗତ ୩ ବର୍ଷ ହେଲା ଜିପିଏସ୍ ସିଷ୍ଟମ୍ ଆଦୌ କାର୍ଯ୍ୟକ୍ଷମ ହେଉନାହିଁ । ଏନେଇ ଅତିରିକ୍ତ ଏସ୍‌ପି ପ୍ରଭାତ ଚନ୍ଦ୍ର ରାଉତରାୟଙ୍କ ସହ ଯୋଗାଯୋଗ ବେଳେ ସେ କହିଥିଲେ ଜିପିଏସ୍ ସିଷ୍ଟମଗୁଡ଼ିକ ଖୁବଶୀଘ୍ର ପୁଣିଥରେ କାର୍ଯ୍ୟକ୍ଷମ କରାଯିବ ।

## ସଂକ୍ଷେପରେ

### ଭୋଟଦେଇ ଘରକୁ ଫେରିବା ପରେ ବୃଦ୍ଧାଙ୍କ ମୃତ୍ୟୁ

ଦାରିଙ୍ଗବାଡି,୧୯।୪(ଡି.ଏନ.ଏ.)- ଦାରିଙ୍ଗବାଡି ବ୍ଲକ କିରିକୁଟି ପଞ୍ଚାୟତ ମଧୁପଲ୍ଲୀ ଗ୍ରାମର ଜଣେ ବୃଦ୍ଧା ଗୁରୁବାର ମତଦାନ କରି ଫେରିବା ପରେ ଘରେ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଧ୍ୱନନ୍ତରୀ ପ୍ରଧାନୀ ଓରଫ ଅମାୟତା। ଶୁକ୍ରବାର ତାଙ୍କ ମୃତଦେହ ସତ୍କାର କରାଯାଇଛି। ବୃଦ୍ଧା ଜଣକ ଭୋଟ ଦେବାକୁ ଯାଇ ମୃତ୍ୟୁ ଘଟିଥିଲେ ମଧ କେହି ରାଜନେତା ନ ଆସିବା ନେଇ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀ ମୃତ ବୃଦ୍ଧାଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ବୃଦ୍ଧାଙ୍କର ୨ ପୁଅ ଏବଂ ଏକ ନାବାଳିକା ଝିଅ ରହିଛନ୍ତି। ବଡ ପୁଅ ବିବାହ ପରେ ଅଲଗା ରହୁଛନ୍ତି। ସ୍ୱାମୀଙ୍କ ମୃତ୍ୟୁପରେ ସାନପୁଅ ଓ ଝିଅଙ୍କ ସାହାରା ପାଲଟିଥିଲେ ବୃଦ୍ଧା ମା' ଅମାୟତା। ମା'ଙ୍କ ମୃତ୍ୟୁପରେ ସେମାନେ ଏବେ ଅସହାୟ ହୋଇ ପଡିଛନ୍ତି। ସୂଚନା ଯୋଗ୍ୟ ଯେ, ଅମାୟତ ଗୁରୁବାର ସକାଳ ପ୍ରାୟ ୭ଟାର ଭୋଟ ଦେବାକୁ ଯାଇଥିଲେ। ଲମ୍ବା ଧାଡିରେ ଠିଆ ହୋଇ ଭୋଟ ଦେଇ ପ୍ରାୟ ୧୦ଟାରେ ଘରକୁ ଫେରିଥିଲେ। ସେ ଅସୁସ୍ଥ ଅନୁଭବ କରିଥିଲେ। ପରେ ଗାଧୋଇ ସାରି ଘରକୁ ଫେରିବା ପରେ ଅଚେତ ହୋଇ ପଡିଥିଲେ। ତାଙ୍କୁ ପ୍ରଥମେ ସ୍ଥାନୀୟ ମେଡିକାଲ ଓ ପରେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ପ୍ରାର୍ଥୀ ସମର୍ଥକଙ୍କ ଅଙ୍କକଷା ଚାଲିଛି

ଭଞ୍ଜନଗର,୧୯।୪(ଡି.ଏନ.ଏ)-ଭଞ୍ଜନଗର, ସୋରଡ଼ା ଓ ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର ଗୁରୁବାର ମତଦାନ ସରିଛି। ମେ' ୨୩ରେ ମତଗଣନା ହେବ। ଏହାପରେ ଫଳାଫଳ ଘୋଷଣା ହେବ। ଏହାପୂର୍ବରୁ ମତଦାନ ସରିବା ପରେ ପରେ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ଓ ସମର୍ଥକମାନେ ଅଙ୍କ କଷା ଆରମ୍ଭ କରିଦେଇଛନ୍ତି । କିଏ କେତେ ଭୋଟରେ ବିଜୟୀ ହେବ, କିଏ କେଉଁଠି କେତେ ଆଗୁଆ ଓ ପଛୁଆ ରହିବେ ସେନେଇ ଚାଲିଛି ଅଙ୍କ କଷା। ଗ୍ରାମାଚଂଳ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଛକ ଛକ ମାନଙ୍କରେ ଏହି ଗୋଟିଏ ଚର୍ଚ୍ଚା। ଫଳାଫଳା ଘୋଷଣା ପର୍ଯ୍ୟନ୍ତ ଏହିଭଳି ଅଙ୍କ କଷା ଚାଲିବ।

### ବୋଲଗଡ, ଖୋର୍ଦ୍ଧାରେ ପ୍ରଚାର ସାମିଲ ହେଲେ ଛତ୍ରପୁରର ବିଜେଡି ନେତା

ଛତ୍ରପୁର,୧୯।୪(ଡି.ଏନ.ଏ) ଭୁବନେଶ୍ୱରସ୍ଥିତ ବିଜେଡି ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଆମନ୍ତ୍ରଣ ପାଇ ଛତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀର ଏକ ନେତୃମଣ୍ଡଳୀ ନିର୍ବାଚନ ପ୍ରଚାର ପାଇଁ ଅନ୍ୟ ଜିଲାକୁ ଯାଇଛନ୍ତି। ଖୋର୍ଦ୍ଧା ଓ ବୋଲଗଡ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅଞ୍ଚଳଗୁଡିକରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଏମାନେ ପ୍ରଚାର ଚଳାଇଥିବା ଏକ ପ୍ରେସ ବିବୃତ୍ତିରେ ବିଜେଡି ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି । ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ଓ ଆଦିକନ୍ଦ ସେଠୀଙ୍କ ସମେତ ପୂର୍ବତନ ଗଞ୍ଜାମ ବ୍ଲକ ଅଧକ୍ଷ ସୁରଥ ପାହାନ, ଜିଲା ସମ୍ପାଦକ ମନୋଜ ପାଢ଼ୀ, ପୂର୍ବତନ ଛତ୍ରପୁର ଏନଏସି ଉପାଧକ୍ଷ ପ୍ରଦୋଷ ବେହେରା, ପୂର୍ବତନ କାଉନସିଲର କିଶୋର ଚନ୍ଦ୍ର ସେନାପତି, ଟି. ଚନ୍ଦ୍ରଶେଖର ରାଓ, ବି. ରାଜୁବାବୁ, ବାଦଲ ପାଣ୍ଡି, ନାରାୟଣ ପଟ୍ଟନାୟକ, ଗଞ୍ଜାମ ବ୍ଲକ ବିଜେଡି ସଭାପତି ଇନ୍ଦ୍ରମଣି ଦଳେଇ, ସାଧାରଣ ସମ୍ପାଦକ କୃଷ୍ଣ ପଲାଇ, ସରପଞ୍ଚ ପୀତାମ୍ବର ପଣ୍ଡା, ଜି. ପାପା ରାଓ, ଅହି ଭୂଷଣ ସାହୁ, ଆଦିତ୍ୟ ନାହାକ, ପ୍ରଭାକର ବେହେରା, ସମରଚାନ୍ଦ ପଣ୍ଡା, ପି. ଗୋପୀ ପାତ୍ର ଓ ଗୌତମ ପଲାଇ ପ୍ରମୁଖ ପଚାର ପାଇଁ ଯାଇଛନ୍ତି।

### କାଠଗଣ୍ଡି ଚୋରି, ଜଣେ ଗିରଫ

**ବେତନଟୀ, ୧୯।୪ (ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବେତନଟୀ ବନାଞ୍ଚଳ କେସିପୁର ବନପାଳଙ୍କ କାର୍ଯ୍ୟାଳୟ ଅଧୀନ ତଥା କେସିପୁର ପୋଲିସ୍ ଫାଣ୍ଡି ସମ୍ମୁଖସ୍ଥ ୧୮ନଂ ଜାତୀୟ ରାଜପଥ ପାର୍ଶ୍ୱରେ କଟା ହୋଇ ପଡିଥିବା କାଠଗଣ୍ଡିକୁ ଚୋରି କଲା ବେଳେ ବନ ବିଭାଗ ପକ୍ଷରୁ ଚଢାଉ କରି ବିଜୟ ସିଂ (୩୨) ନାମକ ଜଣେ ଯୁବକକୁ ଗିରଫ କରିଛି। ଜାତୀୟ ରାଜପଥ ପ୍ରଶସ୍ତୀକରଣ ପାଇଁ ନିକଟରେ କେତେକ ଶାଗୁଆନ ଗଛ କଟା ଯାଇଥିଲା । ଶୁକ୍ରବାର ୪ ରୁ ୫ ଜଣ ଯୁବକ ପଡିଥିବା କେତେକ କାଠଗଣ୍ଡିକୁ ଚୋରାଇ ନେଉଥିଲେ।

# ଇଭିଏମ୍‌ରେ ୧୦୪ ପ୍ରାର୍ଥୀଙ୍କ ଭାଗ୍ୟ, ଷ୍ଟ୍ରଙ୍ଗ୍‌ରୁମ୍ ସିଲ୍

- ୨୪ ଘଣ୍ଟିଆ ପ୍ରହରା
- ନଜର ରଖୁଛି ସିସି କ୍ୟାମେରା
- ସମଗ୍ର ଜିଲାରେ ୬୫.୦୩% ମତଦାନ

ଛତ୍ରପୁର,୧୯।୪(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ୧୧ ଓ ୧୮ ତାରିଖ ୨ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ ହୋଇ ସାଧାରଣ ନିର୍ବାଚନ ସରିଛି। ୨ଟି ପର୍ଯ୍ୟାୟରେ ଗଞ୍ଜାମ ଜିଲାର ଆସିକା ଓ ବ୍ରହ୍ମପୁର ଲୋକସଭା ଆସନ ଏବଂ ଜିଲାରେ ଥିବା ୧୩ ବିଧାନସଭା ଆସନ ପାଇଁ ଥିବା ୧୦୪ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ବନ୍ଦ ରହିଛି। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସରିବା ପରେ ଭୋଟିଂ ହୋଇଥିବା ସମସ୍ତ ଇଭିଏମ୍ ଓ ଭିଭିପିଏଟିକୁ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇ ପ୍ରଶାସନ ପକ୍ଷରୁ ସିଲ୍ କରିଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଛତ୍ରପୁରସ୍ଥିତ ଅନ୍‌ସ୍ଲୋ ସରକାରୀ ହାଇସ୍କୁଲ ପରିସରରେ ଥିବା ଷ୍ଟ୍ରଙ୍ଗ୍ ରୁମ୍‌ରେ ଇଭିଏମ୍ ଗୁଡିକ ରଖାଯାଇ ସିଲ୍ କରାଯାଇଥିଲା । ଏହାର ସୁରକ୍ଷା ପାଇଁ ସିସି କ୍ୟାମେରା ବ୍ୟବସ୍ଥା ସହ ୨୪ ଘଣ୍ଟିଆ ସଶସ୍ତ୍ର ଯବାନଙ୍କୁ ମୁତୟନ କରାଯାଇଛି। ଖଲ୍ଲିକୋଟ ଓ ହିଞ୍ଜିଳି ନିର୍ବାଚନ ମଣ୍ଡଳୀରେ ଭୋଟିଂ ହୋଇଥିବା ଇଭିଏମ୍ ହସ୍ତାନ୍ତର ଶୁକ୍ରବାର ସକାଳ ପର୍ଯ୍ୟନ୍ତ ଅନ୍‌ସ୍ଲୋ ସରକାରୀ ହାଇସ୍କୁଲରେ ଚାଲିଥିବା ଦେଖିବାକୁ ମିଳିଥିଲା। ଜିଲାରେ ୨ଟି ପର୍ଯ୍ୟାୟରେ ହୋଇଥିବା ନିର୍ବାଚନରେ ମୋଟ ୬୫.୩ ପ୍ରତିଶତ ମତଦାନ ହୋଇଛି। ୨୦୧୪ ସାଧାରଣ ନିର୍ବାଚନ ତୁଳନାରେ ଚଳିତ ଥର ମାତ୍ର ୦.୪ ପ୍ରତିଶତ ଅଧିକ ମତଦାନ ହୋଇଛି। ଗତ ନିର୍ବାଚନରେ ୬୪.୯୯ ପ୍ରତିଶତ ମତଦାନ ହୋଇଥିଲା। ଚଳିତ ଥର ସମଗ୍ର ଜିଲାରେ ୧୮ ଲକ୍ଷ ୪୭ ହଜାର ୫୯୧ ଜଣ ଭୋଟର ତାଙ୍କ ମତଦାନ ସାବ୍ୟସ୍ତ କରିଛନ୍ତି। ସେଥିମଧରେ ୯ ଲକ୍ଷ ୨୧ ହଜାର ୭୦ ଜଣ ପୁରୁଷ ଭୋଟର ରହିଥିବା ବେଳେ ୯ ଲକ୍ଷ ୨୬ ହଜାର ୫୦୯ ଜଣ ମହିଳା ଏବଂ ୧୨ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ସର୍ବାଧିକ ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ୬୯.୦୬ପ୍ରତିଶତ ମତଦାନ ହୋଇଥିବା ବେଳେ ବ୍ରହ୍ମପୁରରେ ସର୍ବନିମ୍ନ ୫୬.୨୦ ପ୍ରତିଶତ ମତଦାନ ହୋଇଥିବା ପ୍ରଶାସନ ପକ୍ଷରୁ ଗଣମାଧମକୁ ସୂଚନା ଦିଆଯାଇଛି।

ପ୍ରକାଶ ଯେ, ୨୦୧୪ରେ ଜିଲାରେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ହୋଇଥିଲା। ଉଭୟ ଆସିକା ବ୍ରହ୍ମପୁର ଲୋକସଭା ଆସନ ପାଇଁ ୮ ଜଣ ଲେଖାଏ ପ୍ରାର୍ଥୀ ଉକ୍ତ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିଲେ। ତେବେ ଆସିକା ଲୋକସଭା ଓ ଛତ୍ରପୁର ବିଧାନସଭା ଆସନ ପାଇଁ କଂଗ୍ରେସ ଦଳୀୟ ପ୍ରାର୍ଥି ନଦେଇ ସିପିଆଇ ପ୍ରାର୍ଥୀଙ୍କୁ ସମର୍ଥନ ଦେଇଥିଲା।


ଷ୍ଟ୍ରଙ୍ଗ୍ ରୁମ୍ ସିଲକରି ସଶସ୍ତ୍ର ସୁରକ୍ଷା ବାହିନୀ ମୁତୟନ ହୋଇଛନ୍ତି।

### କ.ନୂଆଗାଁ ବ୍ଲକ ସର୍ବାଧିକ ମତଦାନ କଲେ ମହିଳା ଭୋଟର

କ.ନୂଆଗାଁ, ୧୯।୩

କନ୍ଧମାଳ ଜିଲା ବାଲିଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର କ.ନୂଆଗାଁ ବ୍ଲକର ୧୪ଟି ପଞ୍ଚାୟତରେ ୫୪ ବୁଥରେ ମତଦାନ ହୋଇଥିଲା। ବ୍ଲକର ୪୦୯୮୪ ମତଦାତା ମଧ୍ୟରୁ ୨୯୬୧୭ଜଣ ମତଦାନ କରିଥିଲେ। ମତଦାନ ହାର ଥିଲା ୭୨.୨୬%। ପୁରୁଷ ୧୩୯୭୭ ଜଣ ଓ ୧୫୬୪୦ଜଣ ମହିଳା ମତଦାନ କରିଥିଲେ। ପୁରୁଷଙ୍କ ଅପେକ୍ଷା ଅଧିକ ମହିଳା ଭୋଟ ଦାନ କରିଥିଲେ। ବ୍ଲକର ଅଧିକାଂଶ ବୁଥରେ ଇଭିଏମ୍ ଓ ଭିଭିପିଏଟିରେ ତ୍ରୁଟି ଯୋଗୁ ବିଳମ୍ବରେ ମତଦାନ ହୋଇଥିଲା। ବିଳମ୍ବ ଯୋଗୁ ବହୁ ମତଦାତା ଅସନ୍ତୋଷ ପ୍ରକାଶ କରିଥିଲେ। ବିଡିଓ ମନୋଜ କୁମାର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫ଜଣ ସେକ୍ଟର ଅଫିସରକୁ ନିଯୁକ୍ତି କରିଥିଲେ। ସେମାନେ ହେଲେ କନିଷ୍ଠ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ସେଠୀ, ପ୍ରଗତି ସହାୟକ ଗୋପାଳ କୃଷ୍ଣ ପାତ୍ର, ଏପିଓ ସୂର୍ଯ୍ୟନାରାୟଣ ସେନାପତି, କନିଷ୍ଠ ଯନ୍ତ୍ରୀ ବିଜୟ କୁମାର କିଷାନ ଓ ପ୍ରଶାନ୍ତ କୁମାର ପାତ୍ର। ବ୍ଲକରେ ଶାନ୍ତିପୂର୍ଣ୍ଣ ଭାବରେ ମତଦାନ ହୋଇଥିଲା।

## ■ଇଭିଏମ୍ ଷ୍ଟ୍ରଙ୍ଗରୁମ୍ ସିଲ୍ ହେଲା

# ଭଞ୍ଜନଗର କଲେଜରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା

ଭଞ୍ଜନଗର,୧୯।୪(ଡି.ଏନ.ଏ.)

ଭଞ୍ଜନଗର, ଆସିକା, ସୋରଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ମତଦାନ ଗୁରୁବାର ସମାପ୍ତ ହୋଇଛି। ରାତି ପ୍ରାୟ ସାଢ଼େ ୨ଟା ସୁଦ୍ଧା ସମସ୍ତ ୭୨୨ ବୁଥ୍‌ର ଇଭିଏମ୍, ଭିଭିପିଏଟ୍ ମେଶିନ ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ହୋଇଥିବା ଷ୍ଟ୍ରଙ୍ଗ ରୁମରେ ପହଞ୍ଚିଥିଲା । ଶୁକ୍ରବାର ସମସ୍ତ କାମ ସରିବା ପରେ ସେଗୁଡିକୁ ଷ୍ଟ୍ରଙ୍ଗ୍‌ରୁମ୍‌ରେ ରଖି ସିଲ୍ କରାଯାଇଥିଲା । ଏହି ସମୟରେ ୩ ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ, ଅତିରିକ୍ତ ଉପ ଜିଲାପାଳ ରାଜେନ୍ଦ୍ର ପଣ୍ଡା, ପୋଲିସ ଅଧିକାରୀ, ରାଜନୈତିକ ଦଳର ଏଜେଣ୍ଟମାନେ ଉପସ୍ଥିତ ଥିଲେ। ଏଥିସହ କଲେଜ ପରିସରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଇଭିଏମ୍ ଓ ଭିଭିପିଏଟ୍ ମେଶିନ ଗୁଡ଼ିକୁ ରଖାଯାଇଛି। ସିସିଟିଭି କ୍ୟାମେରା ଷ୍ଟ୍ରଙ୍ଗ୍ ରୁମ୍ ସମ୍ମୁଖରେ ଲାଗିଛି। କଲେଜ ପରିସରକୁ ସାଧାରଣ ଲୋକଙ୍କ ଅବାଧ ପ୍ରବେଶ ଉପରେ କଟକଣା ଲଗାଯାଇଛି। ମେ' ୨୩ରେ ଗଣନା ପାଇଁ ଷ୍ଟ୍ରଙ୍ଗରୁମ୍ ଖୋଲିବ। ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ୬୯.୫୯ ପ୍ରତିଶତ ମତଦାନ ହୋଇଛି। ସର୍ବମୋଟ ୨ଲକ୍ଷ ୨୯ ହଜାର ୯୫୧ ଭୋଟର ମଧ୍ୟରୁ ୧ଲକ୍ଷ ୫୮ହଜାର ୮୧୧ ଜଣ ମତଦାନ କରିଛନ୍ତି। ସେଥିମଧ୍ୟରେ ୮୨୫୮୨ ପୁରୁଷ ଓ ୭୬୨୨୯ ମହିଳା ଭୋଟର ମତଦାନ କରିଥିଲେ। ଆସିକା ନିର୍ବାଚନମଣ୍ଡଳୀରେ ସର୍ବମୋଟ ୧ଲକ୍ଷ ୯୬ ହଜାର ୮୬୮ ଭୋଟର ମଧ୍ୟରୁ ୧୨୦୯୮୧ ଜଣ ମତଦାନ କରିଥିଲେ। ସେଥିରେ ପୁରୁଷ ୬୦୦୭୧ ଓ ମହିଳା ଭୋଟର ୬୦୯୦୬ ଜଣ ମତଦାନ କରିଥିଲେ। ଏଥିସହ ତୃତୀୟ ଲିଙ୍ଗ ୪ ଜଣ ମତଦାନ କରିଥିଲେ। ମତଦାନ ୬୧.୪୫ ପ୍ରତିଶତ ଥିଲା। ସୋରଡ଼ାରେ ସର୍ବମୋଟ ୨ଲକ୍ଷ ୨୩ ହଜାର ୬୮୧ ଭୋଟର ମଧ୍ୟରୁ ୧୫୨୬୧୦ ଜଣ ମତଦାନ କରିଥିଲେ। ମତଦାନ ୬୮.୨୦ ପ୍ରତିଶତ ଥିଲା। ସେଥିମଧ୍ୟରେ ପୁରୁଷ ଭୋଟର ୭୫୪୯୩ ଓ ମହିଳା ଭୋଟର ୭୭୧୧୭ ମତଦାନ କରିଥିଲେ। ଅପରପକ୍ଷେ ସୋରଡ଼ା ନିର୍ବାଚନମଣ୍ଡଳୀର ୧୨୮ ନମ୍ବର ବୁଥ୍‌ରେ ଭାଜପା ପ୍ରାର୍ଥୀ ନିଳମଣି ବିଷୋୟୀ ଇଭିଏମ୍ ମେଶିନକୁ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା। ଏହାପରେ ପୋଲିସ ନୀଳମଣିଙ୍କୁ ଗିରଫ କରିଛି। ସେଠାରେ ପୁନଃମତଦାନ ହେବାର ସମ୍ଭାବନା ରହିଛି। କିନ୍ତୁ ଏନେଇ ପ୍ରଶାସନ ପକ୍ଷରୁ ଶୁକ୍ରବାର ସନ୍ଧ୍ୟା ସୁଧା କୌଣସି ସୂଚନା ଦିଆଯାଇନାହିଁ।



ଷ୍ଟ୍ରଙ୍ଗରୁମ୍ ସିଲ କରାଯାଉଛି।

## ■ମାଓବାଦୀଙ୍କ ଧମକକୁ ଖାତିର କଲେନି

# ଦାରିଙ୍ଗବାଡ଼ିରେ ମତଦାନ କଲେ ୫୬,୧୯୭ଜଣ

- ସର୍ବାଧିକ ମହିଳା ମତଦାତା
- ୩୦ରୁ ଉର୍ଦ୍ଧ୍ୱ ପୋଲିଂ ଟିମ୍ ରୁଟ୍ ବଦଳାଇଲା ପୋଲିସ

ଦାରିଙ୍ଗବାଡ,୧୯।୪(ଡି.ଏନ.ଏ)

ଚଳିତ ସାଧାରଣନିର୍ବାଚନ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଗୁରୁବାର ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଦାରିଙ୍ଗବାଡି ବ୍ଲକର ୨୫ ପଞ୍ଚାୟତର ୧୦୬ ବୁଥରେ ୮୦ ହଜାର ଭୋଟର ରହିଥିବା ବେଳେ ୫୬ ହଜାର ୧୯୭ଜଣ ମତଦାନ କରିଛନ୍ତି। ପୁରୁଷଙ୍କଠାରୁ ମହିଳାଙ୍କ ମତଦାନ ହାର ଅଧିକ ରହିଛି। ମୋଟ ୨୯ ହଜାର ୩୮୦ ମହିଳା ମତଦାନ କରିଥିବା ବେଳେ ପୁରୁଷ ମତଦାତାଙ୍କ ସଂଖ୍ୟା ରହିଛି ୨୬ ହଜାର ୮୧୭। ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ୩୦ରୁ ଉର୍ଦ୍ଧ୍ୱ ପୋଲିଂ ପାର୍ଟିର ସୁରକ୍ଷା ବ୍ୟବସ୍ଥା କରାଯାଇ ବ୍ରାହ୍ମଣୀଗାଁ ମହାବିଦ୍ୟାଳୟ ପରିସର ମଧରେ ପୋଲିସ ଫୋର୍ସର ସୁରକ୍ଷା ବଳୟ ମଧରେ ରାତିରେ ରଖାଯାଇଥିଲା। ଶୁକ୍ରବାର ସକାଳୁ ସେମାନଙ୍କୁ ରାସ୍ତା ବଦଳାଯାଇ ଗଜପତି, ଗଞ୍ଜାମ ଜିଲା ହୋଇ ବାଲିଗୁଡା ଅଭିମୁଖେ ଛଡାଯାଇଛି। ବ୍ରାହ୍ମଣୀଗାଁ ଥାନା ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ଜଣାପଡିଛି। ଏ ନେଇ ବ୍ରାହ୍ମଣୀଗାଁ ଥାନା ଅଧିକାରୀ ତୃପ୍ତିରଞ୍ଜନ ନାୟକ କହିଛନ୍ତି ଯେ, କନ୍ଧମାଳ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ ପ୍ରକାରେ ସୁରକ୍ଷା ବ୍ୟବସ୍ଥା କରାଯିବା ସହ ରୁଟ୍ ପରିବର୍ତ୍ତନ କରାଯାଇଛି।ସୂଚନା ଯୋଗ୍ୟ ଯେ, ନିର୍ବାଚନ ତାରିଖ ଘୋଷଣା ପରଠାରୁ ମାଓବାଦୀଙ୍କ ପକ୍ଷରୁ ପ୍ରାର୍ଥୀଙ୍କୁ ଗାଁରେ ପୂରାଇ ନ ଦେବା ସହ ନିର୍ବାଚନ ବାତିଲ ପାଇଁ ଧମକ ଦେଇ ଆସୁଥିଲେ। ନିର୍ବାଚନ ବର୍ଜନ ପାଇଁ ବିଭିନ୍ନ ସ୍ଥାନରେ ପୋଷ୍ଟର ମଧ ମାରୁଥିଲେ। ଏସବୁକୁ ଖାତିର ନ କରି ଲୋକେ ମତଦାନ କରିଛନ୍ତି।

# କନ୍ଧମାଳ ଲୋକ ସଭା କ୍ଷେତ୍ରରେ ୭୨.୮୮% ମତଦାନ

ଫୁଲବାଣୀ ଅଫିସ, ୧୯।୪

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ କନ୍ଧମାଳ ଲୋକ ସଭା କ୍ଷେତ୍ରରେ ମୋଟ ୭୨.୮୮ ପ୍ରତିଶତ ମତଦାନ ହୋଇଛି । ମୋଟ ୧୨ ଲକ୍ଷ ୮୭ ହଜାର ୩୪୩ ଭୋଟରଙ୍କ ମଧ୍ୟରୁ ୯ ଲକ୍ଷ ୩୮ ହଜାର ୧୯୬ ଜଣ ମତଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ୪ ଲକ୍ଷ ୬୭ ହଜାର ୭୨୧ ମହିଳା ଓ ୪ ଲକ୍ଷ ୭୦ ହଜାର ୪୬୭ ପୁରୁଷ ଏବଂ ୮ ଅନ୍ୟାନ୍ୟ ଭୋଟର ।

ଫୁଲବାଣୀ ବିଧାନସଭାରେ ୭୪.୦୧ ପ୍ରତିଶତ ମତଦାନ ହୋଇଛି । ମୋଟ ୧ ଲକ୍ଷ ୮୮ ହଜାର ୪୧୮ ଜଣ ଭୋଟରଙ୍କ ମଧ୍ୟରୁ ପୁରୁଷ ୬୮, ୨୮୬ ଓ ମହିଳା ୭୧, ୧୫୩କୁ ମିଶାଇ ୧ଲକ୍ଷ ୩୯ ହଜାର ୪୪୧ ଜଣ ମତଦାନ କରିଛନ୍ତି। ବାଲିଗୁଡାରେ ମତଦାନ ୭୧.୬୯ ପ୍ରତିଶତ । ମୋଟ ୧ଲକ୍ଷ ୫୫ ହଜାର ୭୩୯ ଭୋଟରଙ୍କ ମଧ୍ୟରୁ ପୁରୁଷ ୫୩, ୫୫୧ ଓ ମହିଳା ୫୮,୧୦୦କୁ ମିଶାଇ ୧ ଲକ୍ଷ ୧୧ ହଜାର ୬୫୩ ଜଣ ମତଦାନ କରିଛନ୍ତି। ଜି.ଉଦୟଗିରିରେ ୬୯.୬୪ ପ୍ରତିଶତ ମତଦାନ ହୋଇଛି । ୨ ଲକ୍ଷ ୩୬୧ ଜଣ ଭୋଟରଙ୍କ ମଧ୍ୟରୁ ପୁରୁଷ ୬୬,୪୬୮ ଓ ମହିଳା ୭୩,୦୬୪ ଜଣଙ୍କୁ ମିଶାଇ ୧ଲକ୍ଷ ୩୯ ହଜାର ୫୩୬ ଜଣ ଭୋଟ ଦେଇଛନ୍ତି। ସେହିପରି ବୌଦ୍ଧ ଜିଲା କଣ୍ଟାମାଳ ବିଧାନସଭା ଆସନରେ ୮୦.୨୦ ପ୍ରତିଶତ ମତଦାନ ହୋଇଛି । ୧ ଲକ୍ଷ ୬୩ ହଜାର ୫୪୯ ଭୋଟରଙ୍କ ମଧ୍ୟରୁ ପୁରୁଷ ୬୭,୨୩୫ ଓ ମହିଳା ୬୩,୯୩୭କୁ ମିଶାଇ ୧ ଲକ୍ଷ ୩୧ ହଜାର ୧୭୨ ଜଣ ମତଦାନ କରିଛନ୍ତି। ବୌଦ୍ଧରେ ୭୯.୯୧ ପ୍ରତିଶତ ମତଦାନ ହୋଇଛି । ୧ ଲକ୍ଷ ୫୯ ହଜାର ୬୯୫ ଭୋଟର ମଧ୍ୟରୁ ପୁରୁଷ ୬୫,୧୦୪ ଓ ମହିଳା ୬୨,୫୦୮କୁ ମିଶାଇ ୧ ଲକ୍ଷ ୨୭ ହଜାର ୬୧୨ ଜଣ ମତ ସାବ୍ୟସ୍ତ କରିଛନ୍ତି। ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ୬୮.୫୯ ମତଦାନ ହୋଇଛି । ୧ ଲକ୍ଷ ୮୯ ହଜାର ୬୩୦ ଭୋଟରଙ୍କ ମଧ୍ୟରୁ ପୁରୁଷ ୬୭,୩୨୫ ଓ ମହିଳା ୬୨,୭୩୫କୁ ମିଶାଇ ୧ ଲକ୍ଷ ୩୦ ହଜାର ୬୦ ଜଣ ଭୋଟ ଦେଇଛନ୍ତି। ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ୬୯.୦୨ ପ୍ରତିଶତ ମତଦାନ ହୋଇଛି । ମୋଟ ୨ ଲକ୍ଷ ୨୯ ହଜାର ୯୫୧ ଭୋଟରଙ୍କ ମଧ୍ୟରୁ ପୁରୁଷ ୮୨,୪୯୮ ଓ ମହିଳା ୭୬,୨୨୪କୁ ମିଶାଇ ୧ ଲକ୍ଷ ୫୮ ହଜାର ୭୨୨ ଜଣ ମତଦାନ କରିଛନ୍ତି।

### ଭଞ୍ଜନଗରରେ ବର୍ଷା ଖରା ବିଦ୍ୟୁତ୍, ଟେଲିଫୋନ ସେବା ବାଧାପ୍ରାପ୍ତ

ଭଞ୍ଜନଗର,୧୯।୪(ଡି.ଏନ.ଏ.)

ଭଞ୍ଜନଗର ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ବର୍ଷା ସହ ଖରା ହୋଇଥିଲା। ଏଥିସହ ଝଡ଼ତୋଫାନ ଯୋଗୁ କେତକ ଅଞ୍ଚଳରେ ବିଦ୍ୟୁତ୍ ସେବା ପ୍ରଭାବିତ ହୋଇଥିଲା। ଅପରପକ୍ଷେ ବିଗତ କିଛିଦିନ ହେବ ବିଭିନ୍ନ କମ୍ପାନୀର ମୋବାଇଲ ଫୋନ ଓ ଇଣ୍ଟରନେଟ ସେବା ଗୁରୁତର ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅଧିକାଂଶ କମ୍ପାନୀର ଇଣ୍ଟରନେଟ୍ ସେବା ଠିକ୍ ଭାବେ ରହୁନାହିଁ। ମୋବାଇଲରେ କଥା ହେବାବେଳ ଠିକ୍ ଭାବେ ଶୁଣାଯାଉନାହିଁ। କଲ ଗୋଟିଏ ଆଡ଼େ କଲେ ଆଉ ଗୋଟିଏ ଆଡ଼େ ଚାଲିଯାଉଛି। ଯାହାକୁନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ବହୁମାତ୍ରାରେ ବଢ଼ିଯାଇଛି।

# ଚକାପାଦ ବ୍ଲକରେ ୭୬.୩% ଭୋଟର କଲେ ମତଦାନ


ଭୋଟରମାନେ ମତଦାନ ପାଇଁ ଧାଡିରେ ଛିଡାହୋଇଛନ୍ତି।

ଶଙ୍କରାଖୋଲ,୧୯।୪(ଡି.ଏନ୍.ଏ.) ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ଫୁଲବାଣୀ ବିଧାନସଭା ମଣ୍ଡଳୀ ଚକାପାଦ ବ୍ଲକରେ ୭୬.୩ ପ୍ରତିଶତ ଭୋଟର ଗୁରୁବାର ଶୃଙ୍ଖଳାସହ ମତଦାନ କରିଛନ୍ତି। ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମତଦାନ ହୋଇଛି। ବ୍ଲକର ୪୬ ନଂ. ବୁଥ୍‌ରେ ୩୪ହଜାର ୩୮୪ ଭୋଟରଙ୍କ ମଧ୍ୟରୁ ୨୬ ହଜାର ୧୪୫ ଜଣ ଭୋଟର ମତଦାନ କରିଛନ୍ତି। ସେଥିରୁ ମହିଳା ଭୋଟର ୧୩ହଜାର ୩୭୭ ଓ ପୁରୁଷ ଭୋଟର ୧୨ହଜାର ୭୬୮ଜଣ ରହିଥିଲେ। ଉକ୍ତ ବ୍ଲକ ଅଧୀନରେ ଥିବା ଅନେକ ବୁଥ୍‌ରେ ଇଭିଏମ୍ ଓ ଭିଭିପିଏଟି ମେଶିନ ତ୍ରୁଟି ଯୋଗୁ ୨ଘଣ୍ଟା ବିଳମ୍ବରେ ମତଦାନ ହୋଇଥିଲା। ମାଜାଗାଡ଼ାରେ ଏକଘଣ୍ଟା, ପାଣ୍ଡୁଗୁଡ଼ା, ସୁନାପାଙ୍ଗା, ଲାଇନପଡ଼ା ମଳିକ ଗାଁ, ସୁବଳିଆ ଆଦି ବୁଥ୍‌ରେ ୨ ଘଣ୍ଟା ଏବଂ ଟାଣ୍ଡିଗୁଡ଼ା, ରିଙ୍ଗିବାଡି ବୁଥ୍‌ରେ ଏକଘଣ୍ଟା ବିଳମ୍ବରେ ମତଦାନ ହୋଇଥିବାରୁ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବୁଥ୍‌ଗୁଡ଼ିକରେ ଦିବ୍ୟାଙ୍ଗଙ୍କୁ ଯତ୍ନର ସହ ସ୍ୱେଚ୍ଛାସେବୀମାନେ ମତଦାନ କରାଇଛନ୍ତି। ନିର୍ବାଚନୀ ଅଧିକାରୀ ତଥା ବିଡିଓ ଅନିଲ କୁମାର

# ଜି.ଉଦୟଗିରି ଏନ୍‌ଏସି:୫୭.୬୧% ମତଦାନ

ଜି.ଉଦୟଗିରି,୧୯।୪(ଡି.ଏନ.ଏ.)

ଜି.ଉଦୟଗିରି ବ୍ଲକ ଓ ଏନଏସିର ୪୦ଟି ବୁଥ୍‌ରେ ଗୁରୁବାର ହୋଇଥିବା ସାଧାରଣ ନିର୍ବାଚନରେ ୬୫.୦୯ ପ୍ରତିଶତ ମତଦାନ ହୋଇଛି। ସମୁଦାୟ ୩୬ ହଜାର ୮୬୦ ଜଣ ମତଦାତାଙ୍କ ମଧ୍ୟରୁ ୨୩ ହଜାର ୬୧୦ ଜଣ ମତଦାନ କରିଛନ୍ତି। ସେହିପରି ଏନଏସିର ୭ଟି ବୁଥ୍‌ରେ ୮ ହଜାର ୨୯୮ ମତଦାତାଙ୍କ ମଧ୍ୟରୁ ୪ ହଜାର ୭୯୬ ମତଦାତା ବା ୫୭.୬୧% ମତଦାନ କରିଛନ୍ତି । ୬୫ନଂ. ବୁଥରେ ୬୨.୨୯%, ୬୬ନଂ. ବୁଥ୍‌ରେ ୫୧.୨୮%, ୬୭ ନଂରେ ୫୩.୭୭%, ୬୮ନଂ. ବୁଥର ୫୬.୨୬%, ୬୯ନଂ. ବୁଥରେ ୫୯.୪୭%, ୭୦ନଂ. ବୁଥରେ ୫୪.୦୫%, ୭୧ନଂ. ବୁଥରେ ସର୍ବାଧିକ ୬୫.୬୨% ମତଦାନ ହୋଇଛି। ଗ୍ରାମାଞ୍ଚଳ ରେଡ଼ାସିଙ୍ଗର ୫୧ନଂ ବୁଥରେ ସର୍ବାଧିକ ୮୨.୨୮% ମତଦାନ ହୋଇଥିବା ବେଳେ ରଟିଙ୍ଗିଆର ୭୭ନଂ. ବୁଥରେ ସର୍ବନିମ୍ନ ୩୪.୪୪% ମତଦାନ ହୋଇଛି। ସହରାଞ୍ଚଳରେ ୫୭.୬୧ ପ୍ରତିଶତ ଓ ଗ୍ରାମାଞ୍ଚଳରେ ୬୬.୬୮ ପ୍ରତିଶତ ମତଦାନ ହୋଇଛି। ସୂଚନା ପ୍ରକାରେ ଜି.ଉଦୟଗିରି ବ୍ଲକର ସମୁଦାୟ ୪୦ଟି ବୁଥ ମଧ୍ୟରୁ ୩୩ଟି ବ୍ଲକର ଗ୍ରାମାଞ୍ଚଳରେ ଓ ୭ଟି ଏନଏସି ଅଧୀନରେ ଅଛି ।

# ପୋଲସରାରେ ୬୪.୬୧ ପ୍ରତିଶତ ମତଦାନ

ପୋଲସରା,୧୯।୪(ଡି.ଏନ.ଏ.) ପୋଲସରା ବ୍ଲକରେ ଗୁରୁବାର କାଁ ଭାଁ ହିଂସାକାଣ୍ଡ ମଧରେ ସାଧାରଣ ନିର୍ବାଚନ ଶେଷ ହୋଇଛି। ବ୍ଲକର ୧ ଲକ୍ଷ ୨୯ ହଜାର ୫୨୨ ଭୋଟର ମଧ୍ୟରୁ ମାତ୍ର ୮୪ ହଜାର ୯୭୯ ଜଣ ଭୋଟର ନିଜର ମତଦାନ କରିଛନ୍ତି। ସେଥିମଧ୍ୟରେ ୪୧ ହଜାର ୫୧୬ ଜଣ ପୁରୁଷ ଓ ୪୩ ହଜାର ୪୬୩ ମହିଳା ନିଜର ମତଦାନ କରିଛନ୍ତି, ଯାହା ପୁରୁଷଙ୍କ ତୁଳନାରେ ମହିଳା ଭୋଟର ସର୍ବାଧିକ ମତଦାନ କରିଛନ୍ତି। ପୁରୁଷ ଭୋଟର ହାର ୬୧.୧୭% ରହିଥିବା ବେଳେ ମହିଳା ଭୋଟର ୭୦.୪୯% ରହିଛି। ଏହିଭଳି ଭାବେ ପୋଲସରାଅଞ୍ଚଳର ୧୪୦ ନଂ. ବୁଥ୍‌ରେ ମୋଟ ୬୪.୬୧% ମତଦାନ ହୋଇପାରିଛି। ପୋଲସରା ବ୍ଲକର କଳମ୍ବ

### ମହିଳା ମତଦାତା ଆଗରେ

ପଞ୍ଚାୟତ ଗୁଖାକଣା ଗ୍ରାମର ୨୪୯ନଂ. ବୁଥରେ ୯୩୩ ଜଣ ମତଦାତା ରହିଥିବା ବେଳେ ୮୧୧ ଜଣ ମତଦାନ କରିଥିଲେ, ଯାହା ମତଦାନ ହାର ରହିଥିଲା ୮୬.୯୨%। ପୋଲସରାଞ୍ଚଳର ସମସ୍ତ ବୁଥ ମଧ୍ୟରୁ ଗୁଖାକଣା ଗ୍ରାମର ମତଦାନ ହାର ସର୍ବାଧିକ ରହିଥିଲା । ସେହିଭଳି ପୋଲସରା ସହରସ୍ଥିତ ଏକ୍ସବୋର୍ଡ଼ ବିଦ୍ୟାଳୟ ପରିସରରେ ରହିଥିବା ୨୧୫ନଂ. ବୁଥରେ ୯୭୧ ଜଣ ମତଦାତା ରହିଥିବା ବଳେ ମାତ୍ର ୪୯୯ ଜଣ ମତଦାନ କରିଛନ୍ତି, ଯାହାକି ସର୍ବନିମ୍ନ ମତଦାନ ହାର ରହିଥିଲା । ଶତକଡ଼ା ୫୧.୩୯% ରହିଛି।

# ସାନଖେମୁଣ୍ଡିରେ ୬୮.୦୫ ପ୍ରତିଶତ ମତଦାନ

ଦିଗପହଣ୍ଡି,୧୯।୪(ଡି.ଏନ.ଏ.)

ଗଞ୍ଜାମ ଜିଲାର ସାନଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ ନଂ ୧୩୦ରେ ୬୮.୦୫ ପ୍ରତିଶତ ମତଦାନ ହୋଇଛି । ସାନଖେମୁଣ୍ଡି ବ୍ଲକର ଲାଲଗଡ଼ ଭାବେ ବିବେଚିତ ଗୌତମୀ ଗାଁର ୨୪୩ ନଂ. ବୁଥ୍‌ରେ ସକାଳ ସାଢ଼େ ୭ ସୁଦ୍ଧା ୬.୫ ପ୍ରତିଶତ ଭୋଟର ସେମାନଙ୍କ ମତଦାନ କରିଥିବା ଉପସ୍ଥିତ ପ୍ରିଜାଇଡିଂ ଅଫିସର ପ୍ରକାଶ କରିଥିଲେ। ମହିଳା ଭୋଟର ୪୦୮ ଓ ପୁରୁଷ ଭୋଟର ୪୫୫କୁ ମିଶାଇ ସମୁଦାୟ ୮୬୩ ଭୋଟରଙ୍କ ନାଁ ଏଠାରେ ରହିଥିବା ସେ ଉଲ୍ଲେଖ କରିଥିଲେ। ଧରାକୋଟ ବ୍ଲକ ମୁଣ୍ଡମରେଇ ଗାଁରେ ୪୨ନଂ. ବୁଥ୍‌ରେ ୬୧୮ ମହିଳା ଓ ୭୦୨ ପୁରୁଷ ସମୁଦାୟ ୧୩୨୦ ଭୋଟର ଥିଲେ ମଧ କେବଳ ଏକ ନିର୍ଦ୍ଦିଷ୍ଟ ଦଳର ଏଜେଣ୍ଟଙ୍କ ବ୍ୟତୀତ ଅନ୍ୟ ଏଜେଣ୍ଟମାନଙ୍କୁ ପୂରାଇ ଦିଆଯାଇ ନ ଥିଲା। ପ୍ରତିବାଦ କରିବାରୁ ଜଣେ ପ୍ରାର୍ଥୀଙ୍କ ଏଜେଣ୍ଟଙ୍କୁ ମାଡ଼ ମାରି ଗାଁ କୋଠଘରେ ନଜରବନ୍ଦୀ କରି ରଖିଥିଲେ। ଏ ନେଇ ଧରାକୋଟ ଥାନା ଅଧିକାରୀ ସନ୍ତୋଷ କୁମାର ବେହେରାଙ୍କୁ ଜଣାଇବାରୁ ତାଙ୍କୁ ସନ୍ଧ୍ୟା ୭ଟାରେ ଛାଡ଼ି ଦିଆଯାଇଥିବା ସେ କହିଛନ୍ତି। ଧରାକୋଟର ୩୮ନଂ. ଭୋଟ ଗ୍ରହଣ କେନ୍ଦ୍ରରେ ୫୦୩ ମହିଳା ଭୋଟର ଏବଂ ୫୨୫ ପୁରୁଷ ଭୋଟରଙ୍କ ସମେତ ଜଣେ ତୃତୀୟ ଲିଙ୍ଗ ଭୋଟରଙ୍କ ନାଁ ଏଠାରେ ଥିବା ପ୍ରିଜାଇଡିଂ ଅଫିସର କହିଥିଲେ। ବାରମ୍ବାର ବ୍ୟାଟେରି ପାୱାର କମିବାରୁ ସକାଳ ୧୦ରୁ ସାଢ଼େ ୧୦ଟା ମଧ୍ୟରେ ୩ଥର ଇଭିଏମ୍ ଓ ଭିଭିପିଏଟି ମେଶିନ ସଜାଡ଼ିବାକୁ ପଡ଼ିଥିଲା। ଏରେଣ୍ଡ୍ରା ଗ୍ରାମର ୨୨୦ନଂ. ବୁଥ୍‌ରେ ଇଭିଏମ୍ ଅଚଳ ଯୋଗୁ ଭୋଟ ଦାନ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସେଠାରେ ସିଆର୍‌ପିଏଫ୍ ପୋଲିସ ମୁତୟନ ରହିଥିଲେ। ଅନ୍ୟ ୨ଟି ୨୧୮ ଓ ୨୧୯ କେନ୍ଦ୍ରରେ ଶୃଙ୍ଖଳିତ ଭାବେ ମତଦାନ ଶେଷ ହୋଇଛି । ପୋଡ଼ାମାରିର ହାଇସ୍କୁଲ ପରିସରରେ ଥିବା ଭୋଟଦାନ କେନ୍ଦ୍ର ୧୨୪, ୧୨୫ ଓ ୧୨୬ରେ ସର୍ବାଧିକ ଭୋଟରଙ୍କ ନାଁ ରହିଥିବା ପ୍ରିଜାଇଡିଂ ଅଫିସର କହିଥିଲେ। ୧୨୪ ନଂ. କେନ୍ଦ୍ରରେ ୧୧୬୩ ଭୋଟର, ୧୨୫ ନଂ.ରେ ୧୦୫୭ ଏବଂ ୧୨୬ନଂ. କେନ୍ଦ୍ରରେ ୧୦୫୬ ଭୋଟର ଥିବା ଜଣାପଡ଼ିଥିଲା। ଦିବ୍ୟାଙ୍ଗ ଭୋଟରମାନଙ୍କୁ ମତଦାନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ମଳାଭଞ୍ଜା ଗ୍ରାମ ୧୯୧ନଂ. ବୁଥ୍‌ରେ ମହିଳା ଭୋଟର ୩୬୩ ଓ ପୁରୁଷ ଭୋଟର ୩୭୫ ସମୁଦାୟ ୭୩୮ ଭୋଟର ରହିଛନ୍ତି। ରାତି ପ୍ରାୟ ୮ଟା ସୁଦ୍ଧା ସାନଖେମୁଣ୍ଡି ବ୍ଲକର ବିଭିନ୍ନ ଗାଁରେ ଭୋଟଦାନ ପ୍ରକ୍ରିୟା ଚାଲୁ ରହିଥିଲା।

## ସଂକ୍ଷେପରେ

### ମୃତଦେହ ଉଦ୍ଧାର, ଆତ୍ମହତ୍ୟା ସନ୍ଦେହ

**ଯୋଡ଼ା, ୧୯।୪(ଡି.ଏନ.ଏ.):** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମରେ ପାରିବାରିକ କଳହକୁ ନେଇ ଗ୍ରାମର ବିକ୍ରମ ମୁଣ୍ଡା(୫୦) ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ଗତ ୨୪ ତାରିଖରୁ ବିକ୍ରମ ନିକଟସ୍ଥ କାଶିଆ ଗ୍ରାମରେ ଥିବା ତାଙ୍କ ଶ୍ୱଶୁର ଘରକୁ ଯାଇ ଆଉ ଫେରି ନ ଥିଲେ। ଗୁରୁବାର ସକାଳେ ବଳଭଦ୍ରପୁର ଗାଁ ମୁଣ୍ଡରେ ଥିବା ଏକ ପିଜୁଳି ଗଛରେ ବିକ୍ରମଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ଏହା ଦେଖିବା ପରେ ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। କାରଣ ଅସ୍ପଷ୍ଟ ଥିବାରୁ ପୋଲିସର ସନ୍ଦେହ ସୃଷ୍ଟି ହୋଇଛି।

### ଖବରଦାତାଙ୍କ ମାତୃ ବିୟୋଗ

**ଆନନ୍ଦପୁର,୧୯। ୪(ସ୍ୱ.ପ୍ର.):** ଆନନ୍ଦପୁରର ଖବରଦାତା ଶୁଭାଶିଷ ପାଢ଼ୀଙ୍କ ମାତା ବନଜା ମଞ୍ଜରୀ ଦାଶ(୬୨)ଙ୍କ ବିୟୋଗରେ ଶୋକ ପ୍ରକାଶ ପାଇଛି। ଆନନ୍ଦପୁର ୬ ନଂ ୱାର୍ଡ଼ ସ୍ୱର୍ଗତ ଧବଳେଶ୍ୱର ପାଢ଼ୀଙ୍କ ସ୍ତ୍ରୀ ବନଜା ମଞ୍ଜରୀ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ। ସେ ଜଣେ ଧର୍ମପରାୟଣା, ଛାତ୍ର ବତ୍ସଳ ବ୍ୟକ୍ତିତ୍ୱ ହିସାବରେ ବେଶ ଜଣାଶୁଣା। ପରିବାର ପକ୍ଷରୁ ବଡ଼ପୁଅ ଖବରଦାତା ଶୁଭାଶିଷ ଏବଂ ବୋହୂ , ନାତି ତାଙ୍କ ମରଶରୀର ନିକଟରେ ପହଞ୍ଚିଥିଲେ। ସ୍ୱର୍ଗତା ଦାଶଙ୍କ ମରଶରୀରକୁ ପୁରୀ ସ୍ୱର୍ଗ ଦ୍ୱାରକୁ ନିଆଯାଇ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ସାନପୁଅ ମୁଖାଗ୍ନି ଦେଉଥିବାବେଳେ ମରଶରୀର ନିକଟରେ ବନ୍ଧୁ ପରିବାରବର୍ଗ ଉପସ୍ଥିତ ଥିଲେ। ଖବରଦାତାଙ୍କ ମାତୃ ବିୟୋଗକୁ ନେଇ ଆନନ୍ଦପୁର ପ୍ରେସ୍ କ୍ଲବର ସମସ୍ତ ସଦସ୍ୟ, ବିଶିଷ୍ଟ ଭାଜପା ନେତା ଆଇନଜୀବୀ ବିଚିତ୍ର କୁମାର ଚକ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମସବେଦନା ଜ୍ଞାପନ କରିଛନ୍ତି।

### ରାସ୍ତା ପାଇଁ ଗଛ କଟା

**ହାଟଡିହୀ, ୧୯।୪(ଡି.ଏନ.ଏ.):** ହାଟଡିହୀ ବ୍ଲକ ଆରଡି ବିଭାଗ ଦ୍ୱାରା ନିର୍ମାଣ କରାଯାଉଥିବା କାର୍ଯ୍ୟ ଗୁଡ଼ିକ ଅତି ନିମ୍ନମାନର ହେଉଛି। ବିନା ଅନୁମତିରେ ରାସ୍ତା କଡ଼ରୁ ବଡ଼ ଗଛ କଟାଯାଉଛି। ବିନା ଫଳକରେ କାର୍ଯ୍ୟ କରାଯାଉଛି। ଏଭଳି ଉଦାହରଣ କେ.ବାଲିପାଳ ପଞ୍ଚାୟତର ତଅଁଳ ରାସ୍ତା କାର୍ଯ୍ୟରେ ଦେଖିବାକୁ ମିଳିଛି। ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିବା ସୂଚନା ଫଳକ ଲାଗି ନାହିଁ। ଅନ୍ୟ ପକ୍ଷରେ ରାସ୍ତା ପାର୍ଶ୍ୱରେ ଥିବା ବଡ଼ ଗଛକୁ ବନ ବିଭାଗର ବିନା ଅନୁମତିରେ କାଟି ପକା ଯାଇଛି। ସରକାରୀ ଜମିରୁ ମାଟି ତାଡ଼ି ରାସ୍ତାର ଦୁଇ ପାର୍ଶ୍ୱରେ ପକାଯାଉଛି। ଏ ନେଇ ଅସନ୍ତୋଷ ବୃଦ୍ଧି ପାଉଛି।

### ଭୂତ ସ୍କୁଲକୁ ନେଇ ଚର୍ଚ୍ଚା

**କେନ୍ଦୁଝର, ୧୯।୪(ସ୍ୱ.ପ୍ର.):** ସ୍କୁଲ ଭିତ୍ତିଭୂମି ନ ଥାଇ ପିଲା ନାମ ଲେଖାଉଛନ୍ତି। ପରୀକ୍ଷା ଦେଇ ଛାତ୍ରୀଛାତ୍ର ପାସ କରୁଛନ୍ତି। ଏଭଳି ଏକ ସ୍କୁଲ ଝୁମ୍ପୁରା ବ୍ଲକ ନିଶ୍ଚିନ୍ତପୁର ପଞ୍ଚାୟତର ଅମ୍ଳାନୀଗୋଡା ଗ୍ରାମରେ ଚାଲିଛି। ଏହି ସ୍କୁଲର ନାମ ସର୍ଦ୍ଦାର ଭଗତ ସିଂ ହାଇସ୍କୁଲ। ଏହାର ସମ୍ପାଦକ ସଦର ବିଜେଡି ବିଧାୟକ ପ୍ରାର୍ଥୀ ମାଧବ ସର୍ଦ୍ଦାର ଅଛନ୍ତି। ଏହି ଭୂତ ସ୍କୁଲ କିପରି ଚାଲୁଛି ଏବଂ ଏ ନେଇ ଆସୁଥିବା ଅର୍ଥ, ଅନୁଦାନ କୁଆଡେ ଯାଉଛି ବୋଲି ଭାଜପା ଅଭିଯୋଗ ଆଣିଛି। ଭାଜପାର ବରିଷ୍ଠ ନେତା ଅମରବର ଖଟୁଆ କହିଛନ୍ତି ଯେ, ଏହି ସ୍କୁଲର ଭିତ୍ତିଭୂମି, ଶିକ୍ଷକ ଆଦି ନ ଥିବା ବେଳେ କିପରି ଚାଲିଛି। ଶିକ୍ଷା ବିଭାଗ କିପରି ଏଭଳି ସ୍କୁଲକୁ ଅନୁମତି ଦେଇଛି। ତାହାର ଯାଞ୍ଚ ହେବା ଆବଶ୍ୟକ। ଏ ନେଇ ମାଧବ ସର୍ଦ୍ଦାର କହିଛନ୍ତି ଯେ, ଏହା ସମ୍ପୂର୍ଣ୍ଣ ପରିଚାଳନା କମିଟି ଦ୍ୱାରା ଚାଲିଛି। କୌଣସି ଆର୍ଥିକ ଅନୁଦାନ କିମ୍ବା ସରକାରୀ ସହାୟତା ମିଳିନାହିଁ। ଅର୍ଥ ହେରଫେର ହେବା ଅଭିଯୋଗ ମିଥ୍ୟା। ଏହି ସ୍କୁଲ ପାଇଁ ଜମି କିଣାଯାଇଛି। ପୂର୍ଣ୍ଣ ଅନୁଦାନ ମିଳିଲେ ଅନ୍ୟ ବିଦ୍ୟାଳୟ ଭଳି ଚାଲିବ।

### ସ୍କୁଲରୁ ଚୋରି

**ହାଟଡ଼ିହୀ, ୧୯।୪(ଡି.ଏନ.ଏ.):** ହାଟଡ଼ିହୀ ବ୍ଲକ ଶାଳଣିଆଁ ହାଇସ୍କୁଲରେ ବୁଧବାର ରାତିରେ ଚୋରି ହୋଇଥିବା ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ନାୟକ ନନ୍ଦିପଦା ଥାନାରେ ଅଭିଯୋଗ କରିଛନ୍ତି। କେହି ଦୁର୍ବୃତ୍ତ ଗ୍ରୀଲ ଭାଙ୍ଗି କମ୍ପ୍ୟୁଟର ସମ୍ବନ୍ଧୀୟ ବିଭିନ୍ନ ଯନ୍ତ୍ରାଂଶ ଚୋରି କରିଛନ୍ତି। ଅଦ୍ୟାବଧି ଚୋରଙ୍କ କୌଣସି ସୁରାକ ମିଳିପାରି ନାହିଁ।

# ଖଜଣା ଦେଇ ଚିନ୍ତାରେ ଚାଷୀ

**କେନ୍ଦୁଝର, ୧୯।୪(ସ୍ୱ.ପ୍ର.)**

- ଅଭିଯୋଗ କଲେ ଶୁଣୁନି ପ୍ରଶାସନ
- ଶାଗମାଛ ଦରରେ ନେଇଗଲେ ଜମି

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ସିଲିସୁଆଁ ଗ୍ରାମର ଚାଷୀମାନେ ବିନା କାରଣରେ ଜଳ କର ଓ ଜମି ଖଜଣା ଦେଉଛନ୍ତି। ଦୀର୍ଘ ୨୦ ବର୍ଷ ହେଲା ରେଳପଥ ନିର୍ମାଣ ପାଇଁ ଜମି ଦେଇଛନ୍ତି। ଜମି ହସ୍ତାନ୍ତର ପରେ ମଧ୍ୟ ଖାତାରେ ଉକ୍ତ ଜମି ସେମାନଙ୍କ ନାମରେ ଥିବାରୁ ଏବଂ ମାଲିକାନା ସତ୍ତ୍ୱ ଦଳା ଯାଇ ନ ଥିବାରୁ ବିନା କାରଣରେ ଖଜଣା ଦେବାକୁ ବାଧ୍ୟ ହେଉଥିବା ଅଭିଯୋଗ ହେଉଛି। ରେଳପଥ ପାଇଁ ଯାଇଥିବା ଜମି ଶାଗମାଛ ଦରରେ କିଣି ନେଇଥିବାରୁ କ୍ଷତିଗ୍ରସ୍ତ ହୋଇଛନ୍ତି। ଏବେ ବିନା କାରଣରେ ଖଜଣା ଦେଉଥିବାରୁ ସେମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

ସେହିପରି ଉକ୍ତ ଗ୍ରାମ ସମେତ ଆଖପାଖ ଗ୍ରାମର ଲୋକେ ଚାଷ କରି ଜୀବିକା ନିର୍ବାହ କରୁଥିଲେ। ସାନମାଛ କାନ୍ଦଣା ନଦୀରୁ କେନାଲ ଜରିଆରେ



ଅଭିଯୋଗ କରୁଥିବା ଚାଷୀ।

ଜଳସେଚନ ବ୍ୟବସ୍ଥା କରାଯାଇଛି। ବିଭିନ୍ନ କାରଣରୁ ୨୦୧୪-୧୫ ମସିହାରୁ କେନାଲରେ ପାଣି ଆସୁ ନ ଥିବା ଅଭିଯୋଗ ହୋଇଛି। ଜଳ କର ଦେବାକୁ ପଡୁଥିବାରୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଖଜଣା ଓ ଜଳକର ନ ଦେଲେ ପିଲାମାନଙ୍କ ପାଠପଢା ତଥା ଋଣ ଆଦି ପାଇଁ ଆବଶ୍ୟକତା ଜାତି, ଆବାସିକ ପ୍ରମାଣପତ୍ର ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଏହା ସତ୍ତ୍ୱେ କେନାଲ ନିର୍ମାଣ ବା ମରାମତି କରାଯାଉ ନ ଥିବାରୁ ଚିନ୍ତାରେ ରହୁଛନ୍ତି। ଏହି ସମସ୍ୟାକୁ ନେଇ ଅଭିଯୋଗ କଲେ ମଧ୍ୟ ପ୍ରଶାସନ ଶୁଣୁ ନ ଥିବାରୁ ଭୋଟ ବେଳେ ଜବାବ ଦେବେ ବୋଲି ଚେତାବନୀ ଦେଇଛନ୍ତି। ଗୋପୀନାଥପୁର ନିକଟରୁ ସିଲିସୁଆଁ ପର୍ଯ୍ୟନ୍ତ କେନାଲ ନିର୍ମାଣ କରାଗଲେ ବର୍ଷ ତମାମ ଚାଷ କରି ବେଶ ଲାଭବାନ ହୋଇ ପାରନ୍ତେ ବୋଲି ଚାଷୀ ରାମକୃଷ୍ଣ ଦେହୁରି କହିଛନ୍ତି। ସରକାର ଚାଷୀଙ୍କ ପାଇଁ ଜଳସେଚନ ବ୍ୟବସ୍ଥା କରିବା ସହ କାଳିଆ ଯୋଜନାରେ ସହାୟତା ଦେଉଛନ୍ତି। ଏଠାରେ ଚାଷୀଙ୍କଠାରୁ ଏଭଳି ଜଳ କର ଓ ଖଜଣା ଆଦାୟ କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

■ ହରିଚନ୍ଦନପୁରରେ ରାଜନୈତିକ ହିଂସା

# ଆକ୍ରମଣରେ ଜଣେ ଆହତ

**କେନ୍ଦୁଝର, ୧୯।୪(ସ୍ୱ.ପ୍ର.)**

ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଗୁରୁବାର ଜଣେ କଂଗ୍ରେସ ସମର୍ଥକଙ୍କୁ ଆକ୍ରମଣ ଘଟଣାକୁ ନେଇ ହରିଚନ୍ଦନପୁର ଥାନା ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଏଥିରେ ଶଙ୍କର୍ଷଣ ଦେହୁରି ନାମଙ୍କ ବ୍ୟକ୍ତି ଆହତ ହୋଇଛନ୍ତି। ତାଙ୍କୁ ସନ୍ଧ୍ୟାରେ ଭଅଁରପୁର ପଞ୍ଚାୟତର ୧୦ ନମ୍ବର ୱାର୍ଡରେ ରୋହି ଗ୍ରାମରେ ବିଜେଡି ସମର୍ଥକ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ଉକ୍ତ ଗ୍ରାମର ବୈଠକ ଗୃହର ଚାବି ଶଙ୍କର୍ଷଣ ରଖିଥିଲେ। ଏ ନେଇ ବିବାଦ ଦେଖାଦେଇଥିଲା। ସଂଘବଦ୍ଧ ଭାବରେ ଆକ୍ରମଣ କରାଯାଇଥିବା



ଆହତ ଶଙ୍କର୍ଷଣ ଦେହୁରି।

ଅଭିଯୋଗ ହୋଇଛି। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ପ୍ରଥମେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କେନ୍ଦୁଝର ଜିଲା ମୁଖ୍ୟଡାକ୍ତରଖାନାକୁ ସ୍ଥାନାନ୍ତରଣ କରାଯାଇଥିଲା। ଏ ନେଇ ଥାନା ଅଧିକାରୀ ସୂର୍ଯ୍ୟନାରାୟଣ ଦାସଙ୍କୁ ପଚାରିବାରୁ ସେଭଳି ଘଟଣା ଘଟି ନାହିଁ ବୋଲି ସେ କହିଛନ୍ତି।

# ଭାଜପାର ଶକ୍ତି ପ୍ରଦର୍ଶନ



ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ ପ୍ରଚାର କରୁଛନ୍ତି।

**ହାଟଡିହୀ, ୧୯।୪(ଡି.ଏନ.ଏ.)**

ଆନନ୍ଦପୁର ନିର୍ବାଚନମଣ୍ଡଳୀ ହାଟଡିହୀ ବ୍ଲକରେ ଭାଜପାର ନିର୍ବାଚନ ପ୍ରଚାର ଜୋରଦାର ହେଉଛି। ଭାଜପା ଦଳ ପକ୍ଷରୁ ୩୪ନଂ ଜୋନରେ ନିର୍ବାଚନୀ ପ୍ରଚାରକୁ ନେଇ ନାନା କଳ୍ପନାଜଳ୍ପନା ସୃଷ୍ଟି ହୋଇଛି। ବିବେକାନନ୍ଦ ରାଉତଙ୍କ ନେତୃତ୍ୱରେ ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ ନିଜର ପ୍ରଚାର କରିଛନ୍ତି। ତାଙ୍କ ସହ ଜିଲାପରିଷଦ ସଦସ୍ୟା ଟିକି କିସ୍କୁ, ସମିତି ସଭ୍ୟ ରାଜେନ୍ଦ୍ର ରାଉତ, ବିଶ୍ୱଜିତ ରାଉତ, ନାରଣ ସାମଲଙ୍କ ସମେତ ଦୁଇ ହଜାରରୁ ଊର୍ଦ୍ଧ୍ୱ କର୍ମୀ ପ୍ରଚାରରେ ସାମିଲ ଥିଲେ। ପ୍ରଥମେ କେ.ବାଲିପାଳ ପଞ୍ଚାୟତର ମଇରା ଛକଠାରୁ ଏକ ମୋଟର ସାଇକେଲ ରାଲି ବାହାରି ରାଇଘାଟି, ଭଁରା, ସିଆଡ଼ିମାଡ଼ି, ବଣିଆପଙ୍କ, ପଢ଼ିଆରୀପଲ୍ଲୀ, ମାଝୀସାହି, ବାଲିବରେଇ, ବିଦ୍ୟାଧରପୁର, ନୂଆଗାଁ, ସୋସୋ ଆଦି ଗାଁକୁ ପରିକ୍ରମା କରିଥିଲା।

ଚଳିତ ନିର୍ବାଚନରେ ଭୋଟ ଦେଇ ଭାଜପାକୁ ଜିତାଇବା ପାଇଁ ଭୋଟ ଭିକ୍ଷା କରିଥିଲେ। ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ଭାଜପାର ସ୍ଥିତି ସୁଦୃଢ଼ ହେଉଥିବା ଜଣାପଡ଼ିଛି। ଭାଜପା ତାର ଶକ୍ତି ପ୍ରଦର୍ଶନ କରି ନିଜର ପୁରୁଣା ସ୍ଥିତିକୁ ଜାହିର କରିଥିବା ଜଣାଯାଇଛି। ୩୫ନଂ ଜୋନର ବିଭିନ୍ନ ଗ୍ରାମକୁ ଭାଜପା ପ୍ରାର୍ଥୀ ସେଠୀ ମୋଟର ସାଇକେଲ ରାଲି ଓ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ। ଭାଜପା ଏବେ ଜିତିବା ଆଶାରେ ଦୌଡ଼ ପ୍ରତିଯୋଗିତା କରୁଥିବା ବେଳେ ବିରୋଧୀ କଂଗ୍ରେସ ଓ ବିଜେଡ଼ିକୁ ମୁକାବିଲା କରି ବିଧାୟକ ମୁକୁଟ ପିନ୍ଧିବା ଉଦ୍ୟମ ମୁଖ୍ୟ ପ୍ରସଙ୍ଗ ପାଲଟିଛି।

### କୃତୀ ପ୍ରତିଯୋଗୀ ପୁରସ୍କୃତ

**ହାଟଡିହୀ, ୧୯।୪(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ମହାବୀର ଯୁବକ ସଂଘ ବଡ଼ରମ୍ପାସ ଦକ୍ଷିଣୀ ସାହି ପକ୍ଷରୁ ପଣାସଂକ୍ରାନ୍ତି ଉପଲକ୍ଷେ ଏକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବିଦ୍ୟାଧର ସାହାଣି ଓ ମନ୍ମଥ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ସଂଘ ପକ୍ଷରୁ ଗାଁର ବିକାଶ ପାଇଁ ଛାତ୍ରୀଛାତ୍ରଙ୍କ ଭୂମିକା ସମ୍ପର୍କରେ ଏକ ପ୍ରତିଯୋଗିତା ରଖାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଯୁବକ ସଂଘର ସଦସ୍ୟ ରାଜୀବ ସାହୁ, ଜନ୍ମେଜୟ ବେହେରା, ଆଲୋକ ସାହୁ, ବିଚିତ୍ର ସାହୁ, ଅନିଲ ସା, ରଙ୍ଗାଧର ଦାସ, ପାର୍ଥ ସା, ନିରଞ୍ଜନ ସାହୁ, ଜଗମୋହନ ସାହୁ, ଆଲୋକ ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ।

# ରାସ୍ତାରେ ପଡୁଛି ଉନ୍ନତମାନର ମାଙ୍ଗାନିଜ



ରାସ୍ତାରେ ପଡ଼ିଥିବା ଉନ୍ନତମାନର ମାଙ୍ଗାନିଜ।

**ଯୋଡ଼ା, ୧୯।୪(ଡି.ଏନ.ଏ.)**

ଯୋଡ଼ା ମୁଖ୍ୟ ରାସ୍ତାରେ ଥିବା ସରକାରୀ ଡାକ୍ତରଖାନା ସମ୍ମୁଖରେ ଟ୍ରକ୍‌ରୁ ଉନ୍ନତମାନର ମାଙ୍ଗାନିଜ ପଡିବାରୁ ସାଧାରଣ ପଥଚାରୀ ହନ୍ତସନ୍ତ ହେଉଛନ୍ତି। ଶୁକ୍ରବାର ସକାଳେ କୌଣସି ଏକ ଖଣିରୁ ଡ୍ରମ୍ପର ଯୋଗେ ଉନ୍ନତମାନର ମାଙ୍ଗାନିଜ ବୋଝେଇ ହୋଇ ଯୋଡା ଅଭିମୁଖେ ଯାଉଥିଲା। ମୁଖ୍ୟ ରାସ୍ତା ଉପରେ ମାଙ୍ଗାନିଜ ଗୁଡିକ ଟ୍ରକ୍ ଡାଲାରୁ ଖସି ପଡିଥିଲା। ଛୋଟ ଯାନବାହାନଠୁ ଆରମ୍ଭ କରି କମାଣ୍ଡର, ଅଟୋ, ବସ୍, ମଟରସାଇକେଲ, ଚାରିଚକିଆ ଯାନ ଯାତାୟାତ ଅସୁବିଧାର ସମ୍ମୁଖୀନ ହୋଇଥିଲା। ଏହି ଉନ୍ନତମାନର ମାଙ୍ଗାନିଜ କେଉଁ ଖଣିରୁ ପରିବହନ ହେଉଥିଲା ତାହା ସ୍ପଷ୍ଟ ହୋଇ ନ ଥିଲେ ହେଁ ଏହା ଚୋରା ଚାଲାଣ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ସରସ୍ୱତୀ ଶିଶୁମନ୍ଦିର ବାର୍ଷିକୋତ୍ସବ

**ହାଟଡିହୀ, ୧୯ ।୪ (ଡି.ଏନ.ଏ.)**

ହାଟଡିହୀ ବ୍ଲକ ସୋସୋ ପଞ୍ଚାୟତ ନିଉଦାନୀ ସୋସୋ କାନପୁର ସରସ୍ୱତୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ବୈଠକରେ ହରମୋହନ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କୈଳାସ ଚନ୍ଦ୍ର ବଳ, ମୁଖ୍ୟବକ୍ତା ଭାବେ ଜଗବନ୍ଧୁ ବାରି, ସମ୍ମାନିତ ଅତିଥି ସୁବାସଚନ୍ଦ୍ର ନାୟକ, ନାରାୟଣ ବିଶ୍ୱାଳ, ଅନ୍ତର୍ଯ୍ୟାମୀ ରାଉତ, ମୋହନ ମହାନ୍ତି, ମାୟାଧର ଖିଲାର, ଫକୀରଚରଣ ଶଙ୍ଖୁଆ, ଦୁର୍ଗାଚରଣ ଦଳେଇ, ଅନନ୍ତ ଚରଣ ଜେନା ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟା ମାନାରାଣି ତ୍ରିପାଠୀ, ଗୁରୁମା ପ୍ରଭାସିନୀ ରାଉତ, ଜୟନ୍ତୀ ନାହାକ, ଚିତ୍ରଲେଖା ସାମଲ, ମନିକା ଦାସ, ଲିପ୍ସା ସିଂ, ନେହା ଜୁନ ଖାତୁନ, ସ୍ନେହଲତା ବାରିକ, ଶାଶ୍ୱତୀ ପ୍ରଧାନ, ପୁନମ ମହାନ୍ତି, ଗୟାଧର ରାଉତ, ମାନରଞ୍ଜନ ଦାସ, ବିଭୂ ପ୍ରସାଦ ବଳ, ରୀତାରାଣୀ ଭୋଇ, ସରସ୍ୱତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ବିଦ୍ୟାଳୟ କମିଟିର ସଭାପତି ନିରଞ୍ଜନ ରାଉତ, ସମ୍ପାଦକ ଅକ୍ଷୟ ବଳ, ସଦସ୍ୟ ନାରାୟଣ ମହାରଣା, ନୃସିଂହ ଚରଣ ବଳ, ଅନାଦି ଚରଣ ବିନ୍ଧାଣୀ, ରାଧାଶ୍ୟାମ ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଅଭିଭାବକ ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ବିଜେଡି-କଂଗ୍ରେସର ଜୋରଦାର ପ୍ରଚାର

**ଆନନ୍ଦପୁର, ୧୯।୪(ସ୍ୱ.ପ୍ର.)**

ପାଖେଇ ଆସିଲାଣି ସାଧାରଣ ନିର୍ବାଚନ। କେନ୍ଦୁଝର ଜିଲାର ହେବ ତୃତୀୟ ପର୍ଯ୍ୟାୟ ମତଦାନ। ଏପ୍ରିଲ୍ ୨୩ରେ ଉଭୟ ଆନନ୍ଦପୁର ଓ ଘସିପୁରା ନିର୍ବାଚନମଣ୍ଡଳୀରେ ମତଦାନ ହେବ। ଏଥିପାଇଁ ସବୁ ରାଜନୈତିକ ଦଳର ପ୍ରଚାର ଜୋରଦାର ହୋଇଛି। କଂଗ୍ରେସ ପରିବର୍ତ୍ତନର ନାରା ଦେଉଥିବା ବେଳେ ବିଜେଡି ରାଜ୍ୟ ସରକାରଙ୍କ ସଫଳତାର ବାର୍ତ୍ତା ନେଇ ଲୋକଙ୍କ ନିକଟକୁ ଯାଉଛନ୍ତି। ଏହିକ୍ରମରେ ଶୁକ୍ରବାର ଘସିପୁରା ନିର୍ବାଚନମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ମନ୍ତ୍ରୀବଦ୍ରି ନାରାୟଣ ପାତ୍ରଙ୍କ ନିମନ୍ତେ ଦଳୀୟ କର୍ମୀମାନେ ନିର୍ବାଚନମଣ୍ଡଳୀର ସମସ୍ତ ପଞ୍ଚାୟତକୁ ରୋଡ୍ ଶୋ ମାଧ୍ୟମରେ ଯାଇ ଭୋଟ ଭିକ୍ଷା କରିଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ପିସିସି ସଭାପତି ଘସିପୁରା ନିର୍ବାଚନମଣ୍ଡଳିର ବଳରାମପୁର, ଦେଓଗାଁ ପ୍ରବରିତି ୯ ଗୋଟି ପଞ୍ଚାତକୁ ବାଇକ ରାଲିରେ ଯାଇ ଭୋଟ ଭିକ୍ଷା କରିଥିଲେ।

ଅନ୍ୟପକ୍ଷରେ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ଭାଗୀରଥି ସେଠୀ ୫ ପଞ୍ଚାୟତକୁ ଦଳୀୟ କର୍ମୀଙ୍କ ସହ ବାଇକ ରାଲିରେ ଯାଇ ପ୍ରଚାର ଅଭିଯାନ ଜାରି ରଖିଥିଲେ। କଂଗ୍ରେସର ଜୟଦେବ ଯେନା ମଧ୍ୟ ବହୁ ସଂଖ୍ୟାରେ ଦଳୀୟ କର୍ମୀଙ୍କ ସହ ଫକୀରପୁର ବାଇଲୁଙ୍କେଶ୍ୱର ମନ୍ଦିରରୁ ପୂଜାର୍ଚ୍ଚନା କରି ଆନନ୍ଦପୁର ପୌରପରିଷଦର ୧୬ ୱାର୍ଡ଼କୁ ବାଇକ୍ ରାଲିରେ ଯାଇ ପ୍ରଚାର କରିଥିଲେ। ଉଭୟ ଆନନ୍ଦପୁର ଓ ଘସିପୁରା ନିର୍ବାଚନମଣ୍ଡଳୀରେ ଚଳିତ ନିର୍ବାଚନ ପାଇଁ କଂଗ୍ରେସ ଓ ବିଜେଡି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଘସିପୁରା ନିର୍ବାଚନ ମଣ୍ଡଳୀରେ ଭାଜପା ଦଳର ପ୍ରଚାରରେ ସିଥିଳତା ରହିଥିବା ଦେଖାଯାଇଛି। ଅନ୍ୟପକ୍ଷରେ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ଭଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ ପ୍ରଚାର ଅଭିଯାନକୁ ଜୋର୍ କରିଛନ୍ତି।





କଂଗ୍ରେସର ଜୟଦେବ ଯେନା, ବିଜେଡିର ଭାଗୀରଥି ପ୍ରଚାର କରୁଛନ୍ତି।

# ଭାଜପାରେ ଯୋଗଦେଲେ କର୍ମୀ

**ଯୋଡ଼ା, ୧୯।୪(ଡି.ଏନ.ଏ.)**

ଯୋଡ଼ା ସହରର କେନ୍ଦ୍ରୀୟ ଖେଳ ପଡ଼ିଆଠାରେ ଭାଜପା ପକ୍ଷରୁ ଶୁକ୍ରବାର ଏକ ନିର୍ବାଚନୀ ସଭା ହୋଇଥିଲା। ଜିଲା ସଭାପତି ରାଧାକାନ୍ତ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ଓଡ଼ିଆ ଚଳଚିତ୍ର ଅଭିନେତ୍ରୀ ଅନୁ ଚୌଧୁରି , ଚଳଚିତ୍ର ହାସ୍ୟ ଅଭିନେତା ହରିହର ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ନିକୁ ପଟ୍ଟନାୟକ, ବଡବିଲ ପୌରପାଳିକାର ପୂର୍ବତନ ନଗରପାଳ ଦିଲୀପ ମିଶ୍ରାଙ୍କ ଉପସ୍ଥିତିରେ ଚଳିତ ଚମ୍ପୁଆ ନିର୍ବାଚନ ମଣ୍ଡଳୀରୁ ଭାଜପା ଦଳରୁ ପ୍ରାର୍ଥୀ ହୋଇଥିବା ମୁରଲୀ ମନୋହର ଶର୍ମା ଉପସ୍ଥିତି ରହି ଭୋଟରଙ୍କୁ ମୋଦି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ।

ଏହି ସଭାରେ ସିନେ ତାରକାଙ୍କୁ ଦେଖିବା ପାଇଁ ଭାଜପା ଦଳର କର୍ମୀଙ୍କ ସହ ବହୁ ଜନସାଧାରଣଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହି ସଭାରେ ଯୋଡା ପୌରପାଳିକାର ୱାର୍ଡ ନଂ ୧୦ରର ପୂର୍ବତନ କାଉନସିଲର ସୁରେଶ ଚନ୍ଦ୍ର ବାରିକ ତାଙ୍କର ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ସମର୍ଥକଙ୍କୁ ନେଇ ଆନୁଷ୍ଠାନିକ ଭାବେ ଭାଜପା ଦଳରେ ସାମିଲ ହୋଇଥିଲେ। ସେ ପୂର୍ବରୁ ବିଜେଡିର ଜଣେ ଆଗଧାଡିର ନେତା ଥିଲେ। ତାଙ୍କର ଭାଜପାରେ ଯୋଗ ଦେବା ଚମ୍ପୁଆ ନିର୍ବାଚନ ମଣ୍ଡଳୀ ନିର୍ବାଚନ ସମୀକରଣକୁ ପ୍ରଭାବିତ କରିବ ବୋଲି ଭୋଟର ମହଲରେ ଚର୍ଚ୍ଚା ହେଉଛି।



ଭାଜପାର ନିର୍ବାଚନୀ ସଭାରେ ଦଳୀୟ ନେତୃବୃନ୍ଦ।

### ଭୋଟ ପାଇଁ ନେତା ଗାଁ ମୁହାଁ

**ରାଇସୁଆଁ, ୧୯।୪(ଡି.ଏନ.ଏ.)**

ଗାଁ ଗହଳିରେ ନେତାଙ୍କ ପ୍ରଚାର ଚାଲିଛି। ଗ୍ରାମାଞ୍ଚଳକୁ ଯାଇ ଲୋକଙ୍କୁ ବିଭିନ୍ନ ପ୍ରକାର ପ୍ରତିଶ୍ରୁତି ଦେଉଛନ୍ତି ନେତା। ଲୋକଙ୍କୁ ଭୋଟଭିକ୍ଷା କରୁଥିବା ଦେଖିବାକୁ ମିଳୁଛି। ଲୋକଙ୍କ ଆର୍ଥିକ ବିକାଶ ଏବଂ ଗାଁ ଗହଳିରେ ସମସ୍ତଙ୍କୁ ପାନୀୟଜଳ ଯୋଗାଣ ବ୍ୟବସ୍ଥା, ଗାଁକୁ ପକାରାସ୍ତା ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଉଛନ୍ତି। ଲୋକଙ୍କ ପ୍ରଶ୍ନବାଣରେ ନେତା ଛାନିଆ ହୋଇ ପଡୁଛନ୍ତି।

# ଚମ୍ପୁଆ ଆସନକୁ ନେଇ ଛକାପଞ୍ଝା ଜୋର୍

**ବଡ଼ବିଲ, ୧୯।୪(ସ୍ୱ.ପ୍ର.)**

- ଠିକାରେ ପ୍ରାର୍ଥୀ ଦେବା ନେଇ ଚର୍ଚ୍ଚା
- ଦଳୀୟ କର୍ମୀ ଅଭାବରୁ କଂଗ୍ରେସ ଶିଥିଳ
- ମୋଦି ହାୱାରେ ଭାଜପା ଆଶାବାଦୀ

କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନମଣ୍ଡଳୀର ବିଧାନସଭା ଆସନ ପାଇଁ ମୋଟ ୧୬ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ନିର୍ବାଚନ ରଣାଙ୍ଗନରେ ଆଗୁଆ ରହିଛି ଭାଜପା ଓ ବିଜେଡି। କଂଗ୍ରେସର ଗଡ କୁହାଯାଉଥିବା ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସଂରକ୍ଷଣରହିତ ହେବା ପରେ ବିଗତ ୨୦୦୯ ନିର୍ବାଚନରୁ ଅନବରତ କଂଗ୍ରେସ ଦଳର ପରାଜୟ ଯୋଗୁ ଗଡ ଭାଙ୍ଗିଯାଇଛି। ଏମ୍‌ପି ପ୍ରାର୍ଥୀ ବ୍ୟତୀତ ବିଗତ ନିର୍ବାଚନରେ ବିଧାନ ସଭା ଆସନ ଦଖଲ କରିବାରେ ବିଜେଡି ମଧ୍ୟ ଫେଲ ମାରିଛି। ଏହି ନିର୍ବାଚନ ମଣ୍ଡଳୀରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଥିଲା ବେଳେ ସରକାରଙ୍କ ଅଧିକାଂଶ ଯୋଜନା ଏଠାରେ ଅପହଞ୍ଚି ହୋଇଥିବା ଭୋଟର କହୁଛନ୍ତି। ଅଞ୍ଚଳର ବିକାଶ ପାଇଁ କେବଳ କେନ୍ଦୁଝର ଜିଲା ଖଣିଜ ପାଣ୍ଠି ଏକମାତ୍ର ସାହା ହୋଇଛି। ବହୁ ଉନ୍ନୟନ କାମ ଅଧାପନ୍ତରିଆ ହୋଇ ପଡିରହିଛି। ତାହା କାର୍ଯ୍ୟକ୍ଷମ ହୋଇନି।

ଏଭଳି ପରିସ୍ଥିତିରେ ରାଜ୍ୟରେ ଦୀର୍ଘ ୧୯ ବର୍ଷ ଧରି ଶାସନରେ ରହିଥିବା ବିଜେଡି ଚମ୍ପୁଆ ନିର୍ବାଚନ ମଣ୍ଡଳୀ ବିଧାନସଭା ଆସନରେ ପରାଜୟକୁ ଭୟକରି ସ୍ୱାଧୀନ ବିଧାୟକ ସନାତନ ମହାକୁଡଙ୍କ ସମର୍ଥିତ ପ୍ରାର୍ଥୀଙ୍କୁ ବିଜେଡି ଟିକଟ ଦେଇଛି। ବିଧାନସଭା ଓ ଏମପି ପାଇଁ ସନାତନଙ୍କ ସମର୍ଥକମାନେ ଜୋରଦାର ପ୍ରଚାର ପ୍ରସାର ଚଳାଇଥିଲା ବେଳେ ଏବେ (ମହାନ୍ତ) କୁଡୁମି ସମ୍ପ୍ରଦାୟକୁ ନେଇ ରାଜନୀତି ଆରମ୍ଭ ହୋଇଥିବା କୁହାଯାଉଛି। ଏଠାରେ ଉଲ୍ଲେଖ ଥାଉକି, ବିଗତ ନିର୍ବାଚନରେ କୁଡୁମି ସମ୍ପ୍ରଦାୟରୁ ବିଭିନ୍ନ ଦଳରୁ ବିଧାନ ସଭା ଆସନ ନିମନ୍ତେ କୁଡୁମି ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ହେଁ ପରାଜୟ ସ୍ୱୀକାର କରିଥିବା ଦୃଷ୍ଟାନ୍ତ ରହିଛି। ଏହି ସମ୍ପ୍ରଦାୟକୁ ନେଇ ରାଜନୀତି କେତେଦୂର ବିଜେଡିକୁ ସହାୟକ ହେଉଛି ତାହା ଆଗାମୀ ନିର୍ବାଚନ ଫଳାଫଳ ସ୍ପଷ୍ଟ କରିବ। କଂଗ୍ରେସ ଦଳରୁ ବିଧାନସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଭଦ୍ରାସାହି ଅଞ୍ଚଳର ଯଦୁମଣି ବାରିକ ଦଳୀୟକର୍ମୀ ଅଭାବରୁ ପ୍ରଚାର ପ୍ରସାରରେ ଶିଥିଳ ପଡିଯାଇଥିବା ଦେଖାଦେଇଛି। ଭାଜପାରୁ ଚମ୍ପୁଆ ବିଧାନ ସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମୂରଲୀ ମନୋହର ଶର୍ମା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହାୱାରେ ବିଜୟୀ ହେବା ନେଇ ଆଶାବାଦି ହୋଇଥିଲା ବେଳେ ବିଜେଡି ଅସନ୍ତୁଷ୍ଟ ଗୋଷ୍ଠୀ ତାଙ୍କୁ କୁଆଡେ ସମର୍ଥନ ଦେଉଥିବା ଆଲୋଚନା ହେଉଛି। ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ଟଙ୍କା ବଣ୍ଟନ କରି ଭୋଟରଙ୍କୁ ପ୍ରଭାବିତ କରି ରାତାରାତି ରାଜନୀତି ଓଲଟପାଲଟ କରିବାର ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ଆଲୋଚନା ହେଉଛି।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶନିବାର, ଏପ୍ରିଲ ୨୦/୨୦୧୯ Berhampur, Saturday, April 20/ 2019







## ସଂକ୍ଷେପରେ

### ଜାଲ୍ ନୋଟ କାରବାର ମାମଲା
## ଦୋଷୀଙ୍କୁ ୫ ବର୍ଷ କାରାଦଣ୍ଡ

**କେନ୍ଦୁଝର, ୧୯।୪(ସ୍ୱ.ପ୍ର.):** ସ୍ଥାନୀୟ ସିଜେଏମ୍ କୋର୍ଟରେ ଏକ ଜାଲ ନୋଟ କାରବାର ମାମଲାର ଶୁଣାଣି କରାଯାଇ ଶୁକ୍ରବାର ଜଣେ ଦୋଷୀଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ ମିଳିଛି। ବ୍ୟକ୍ତି ଜଣଙ୍କ ହେଲେ ଶୁକଦେବ ନାୟକ। ଏହି ଘଟଣା ୨୦୧୫ ମସିହାରେ ଘଟିଥିଲା। ଶୁକଦେବ ଘଟଗାଁ ଥାନା କୁସୁନୁପୁର ହାଟକୁ ଯାଇଥିଲେ। ସେଠାରେ ଜଣେ ବାସନ ବେପାରୀ ସେକ ମଇଉଦ୍ଦିନଙ୍କ ଠାରୁ ଟିଫିନ ବାକ୍ସ ୧୦୦ ଟଙ୍କାରେ କିଣିବା ପାଇଁ ମୂଲଚାଲ କରିଥିଲେ। ମଇଉଦ୍ଦିନଙ୍କୁ ୫୦୦ ଟଙ୍କିଆ ନୋଟ ଦେଇଥିଲେ। ଟଙ୍କା ଜାଲ ସନ୍ଦେହ କରି ପାଖ ଦୋକାନୀଙ୍କୁ ମଇଉଦ୍ଦିନ ଦେଖାଇଥିଲେ। ଜାଲ ନୋଟ ଜାଣିବା ପରେ ଶୁକଦେବଙ୍କୁ ଧରି ଘଟଗାଁ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ମଇଉଦ୍ଦିନଙ୍କ ଲିଖିତ ଏତଲା କ୍ରମେ ପୋଲିସ ଶୁକଦେବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ସିଜେଏମ ବିଚାରପତି ତିରନ ପାତ୍ର ଦଣ୍ଡାଦେଶ କରିଛନ୍ତି।

### ■ କରତକଳ ଉପରେ ଚଢ଼ାଉ
# ଯନ୍ତ୍ରାଂଶ ଓପାଡ଼ି ଫିଙ୍ଗିଲା ବନବିଭାଗ

**ବସ୍ତା ୧୯।୪(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ବଇଞ୍ଚା ଗ୍ରାମରେ ଚାଲିଥିବା ବେଆଇନ କରତକଳ ଉପରେ ବନ ବିଭାଗ ଚଢାଉ କରି ଜେସିବି ଲଗାଇ ଯନ୍ତ୍ରାଂଶକୁ ଓପାଡ଼ି ଫିଙ୍ଗିଛି।

ମୟୂରଭଞ୍ଜ ଜିଲା ପାଞ୍ଚମାଣିଆ ଗ୍ରାମର ବରେନ୍ଦ୍ର ବେହେରା ଏକ କରତକଳ ବଇଞ୍ଚା ଗ୍ରାମରେ କରି ଆସୁଥିଲେ। ବାରମ୍ବାର ଏହି କରତକଳ ଉପରେ ବନବିଭାଗ ଚଢାଉ କରୁଥିଲେ ମଧ୍ୟ ପରେ ସେ ପୁଣି ସେ ପୁନର୍ବାର ଚାଲୁ କରିଆସୁଥିଲେ। ଗତ କିଛିଦିନ ପୂର୍ବରୁ ସେ କରତକଳକୁ ପୁର୍ନବାର ଚାଲୁ କରିବା ପାଇଁ ସଜବାଜ ହେଉଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ରେଞ୍ଜ ଅଫିସର ଦେବେନ୍ଦ୍ର ନାଥ ପାତ୍ର, ଫରେଷ୍ଟର ପ୍ରହ୍ଲାଦ ଚନ୍ଦ୍ର ନାୟକ, ଶଶିଧର ମହାନ୍ତି, ମୀନାରାଣୀ ବେହେରା ସଦଳବଳେ ସେଠାରେ ପହଞ୍ଚିବା ବେଳକୁ କରତକଳର ମାଲିକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଶେଷରେ ବନବିଭାଗ ଅଧିକାରୀ ଜେସିବି ଲଗାଇ ପୁନଃ ସ୍ଥାପିତ ହେଉଥିବା କରତକଳକୁ ଓପାଡି ଫିଙ୍ଗି ଦେଇଥିଲେ।


କରତକଳକୁ ବନ ବିଭାଗ ଜେସିବି ଲଗାଇ ଓପାଡ଼ି ଫିଙ୍ଗୁଛନ୍ତି।

# ବାଟୋଇଙ୍କ ତୃଷ୍ଣା ମେଣ୍ଟାଉଛନ୍ତି ଗଙ୍ଗାଧର

**ଜଳେଶ୍ୱର, ୧୯।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଆରୁହା ପଞ୍ଚାୟତ ଚକବାବନ ଗ୍ରାମରେ ବାସ କରନ୍ତି ଗଙ୍ଗାଧର ସାହୁ। ଆଜକୁ ୨୦ବର୍ଷରୁ ଊର୍ଦ୍ଧ୍ୱ ହେବ ଗଙ୍ଗାଧର ଓ ତାଙ୍କ ସ୍ତ୍ରୀ ବୀଣାପାଣି ଦୁହେଁ ମିଶି ଜଳେଶ୍ୱର-ପଶ୍ଚିମବାର୍ଡ଼-କପାସିଆ ରାସ୍ତାର ନନ୍ଦିକାଠାରେ ଚୈତ୍ର ମାସଠାରୁ ଆଷାଢ଼ ମାସ ପର୍ଯ୍ୟନ୍ତ ଏକ ବରଗଛ ମୂଳରେ ବସି ପ୍ରତି ସୋମବାର ବାଟୋଇମାନଙ୍କୁ ଥଣ୍ଡାପାଣି, ଲେମ୍ବୁ ସରବତ, କାକୁଡ଼ି, ତରଭୁଜ, ଅଙ୍ଗୁର ଆଦି ଫଳ ଯୋଗାଇ ଆସୁଥିଲେ। ଗତବର୍ଷ ବୀଣାପାଣିଙ୍କ ଆକସ୍ମିକ ମୃତ୍ୟୁ ଘଟିବାରୁ ଗଙ୍ଗାଧର କିଛି ଦିନ ଭାଙ୍ଗିପଡ଼ିଥିଲେ। ତଥାପି ଧୈର୍ଯ୍ୟହରା ନ ହୋଇ ସେ ସ୍ତ୍ରୀଙ୍କ ସ୍ମୃତିକୁ ସାଉଁଟି ପୁଣି ଏହି କାର୍ଯ୍ୟ କରିବାକୁ ଆଗେଇ ଆସିଛନ୍ତି। ଗଙ୍ଗାଧର ତାଙ୍କ ସମ୍ପର୍କୀୟ ବସ୍ତା ଅଞ୍ଚଳର କାହ୍ନୁଚରଣ ପାତ୍ର ଓ ଦେବତୋଷ ନାୟକଙ୍କ ସହାୟତାରେ ଜଳ ଓ ଫଳ ଯୋଗାଇବା କାର୍ଯ୍ୟ ଜାରି ରଖିଛନ୍ତି।

ଏ ବିଷୟରେ ଗଙ୍ଗାଧର କୁହନ୍ତି, ଫୁଲ, ଫଳ ଦେଇ ମନ୍ଦିରରେ ଠାକୁରଙ୍କୁ ପୂଜାର୍ଚ୍ଚନା କରିବା ଅପେକ୍ଷା ତୃଷାର୍ତ୍ତଙ୍କୁ ପାଣି ଓ କ୍ଷୁଧାର୍ଥଙ୍କୁ ଆହାର ଦେଲେ ସେଥିରେ ଆତ୍ମସନ୍ତୋଷ ମିଳିଥାଏ। ତେଣୁ ମୁଁ ମାନବ ସେବାକୁ ମାଧବ ସେବା ବୋଲି ଭାବି ସ୍ୱଳ୍ପ ରୋଜଗାର ଥିଲେ ମଧ୍ୟ ପ୍ରତି ସୋମବାର ବାଟୋଇମାନଙ୍କୁ ନିଜ ସଞ୍ଚିତ ଅର୍ଥରୁ ବ୍ୟୟ କରି ଲୋକଙ୍କ ସେବାରେ ନିୟୋଜିତ କରିଥାଏ। ଏଭଳି କାର୍ଯ୍ୟ କରି ଗଙ୍ଗାଧର ଆଜି ଅନ୍ୟମାନଙ୍କ ନିକଟରେ ଉଦାହରଣ ପାଲଟିଛନ୍ତି।



ପଥିକଙ୍କ ଅପେକ୍ଷାରେ ଗଙ୍ଗାଧର।

### ■ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଉଦ୍ୟମ ଘଟଣା
# ଜେଲ ଗଲେ ଅଭିଯୁକ୍ତ

**ଭଦ୍ରକ ଅଫିସ,୧୯।୪**

ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ବାଣିଠିଆ ପଞ୍ଚାୟତ ଅଧୀନ ଏକ ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ପରେ ହତ୍ୟା ଉଦ୍ୟମ ଘଟଣାରେ ଗିରଫ ଅଭିଯୁକ୍ତ ଗଗନ ବେହେରା(୫୫)ଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିଲା। ତାଙ୍କୁ ଭଦ୍ରକ ଜେଲ୍‌କୁ ପଠାଇ ଦିଆଯାଇଛି। ଶୁକ୍ରବାର ଜିଲା ଚିକିତ୍ସାଳୟରେ ଅଭିଯୁକ୍ତ ଗଗନଙ୍କ ଡାକ୍ତରୀ ମାଇନା କରାଯିବା ପରେ କୋର୍ଟ ଚାଲାଣ କରାଯାଇଥିଲା। ଅନ୍ୟପକ୍ଷେ କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ପୀଡ଼ିତା ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିବା ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବୁଧବାର ପୂର୍ବାହ୍ନରୁ ନାବାଳିକା ଜଣଙ୍କ ନିଖୋଜ ଥିଲେ। ତାଙ୍କୁ ଗଗନ ଅପହରଣ କରିନେଇ ହାତଗୋଡ଼ ବାନ୍ଧି ନିକଟସ୍ଥ ଜଙ୍ଗଲରେ ପକାଇ ଦେଇଥିଲେ। ସନ୍ଧ୍ୟାରେ ଆସି ତାଙ୍କୁ ବଳାତ୍କାର କରିବା ପରେ ହତ୍ୟା ଉଦ୍ୟମ କରିଥିଲେ। ନାବାଳିକା ମରିଯାଇଥିବା ଭାବି ଅଭିଯୁକ୍ତ ଗାଁ ନିକଟସ୍ଥ ଏକ କେନାଲ ହିଡ଼ ପାଖରେ ତାଙ୍କୁ ଛାଡ଼ି ପଳାଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରୁଥିବା ବେଳେ ଗୁରୁବାର ଭୋର ସମୟରେ କେନାଲ ନିକଟରୁ ନାବାଳିକାଙ୍କୁ ଉଦ୍ଧାର କରି ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ।


ଗିରଫ ଅଭିଯୁକ୍ତ ଗଗନ ବେହେରା।

# ଭୋଟ୍ ପାଇଁ ନୋଟ୍ କାରବାର

**ଯୋଡ଼ା, ୧୯।୪(ଡି.ଏନ.ଏ.)**

**ଚମ୍ପୁଆ ନିର୍ବାଚନମଣ୍ଡଳୀ**
- ■ ଟ୍ରକ୍‌ରେ ଯାଉଛି ଟଙ୍କା
- ■ ଫ୍ଲାଇଂ ସ୍କ୍ୱାଡ ଜଲକା

ଚମ୍ପୁଆ ବିଧାନସଭା ଆସନ ନିଜ ଅକ୍ତିଆରକୁ ନେବା ପାଇଁ ବିଭିନ୍ନ ଦଳ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ କରିଦେଇଛନ୍ତି। ପ୍ରାର୍ଥୀମାନେ ନିର୍ବାଚନରେ ଜିତିବା ପାଇଁ ସେମାନଙ୍କର ସମସ୍ତ ପ୍ରକାର କୌଶଳ ଅବଲମ୍ବନ କରୁଛନ୍ତି। ଭୋଟ୍ ପାଇଁ ନୋଟ୍ ଆବଶ୍ୟକ ହେଉଥିବାରୁ କେତେକ ପ୍ରାର୍ଥୀ ଯେଉଁମାନେ ଖଣି ବ୍ୟବସାୟ, ପରିବହନ, ଲୋଡିଂ, ଏବଂ ଟ୍ରକ୍, ଡମ୍ପର ବ୍ୟବସାୟ କରୁଛନ୍ତି ସେମାନେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଟଙ୍କା ବାଣ୍ଟିବା ଉଦ୍ୟମ ଆରମ୍ଭ କରିଦେଇଥିବା ନିର୍ଭର ଯୋଗ୍ୟ ସୂତ୍ରରୁ ଜଣାପଡିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଫ୍ଲାଇଂ ସ୍କ୍ୱାଡ ଓ ବିଭିନ୍ନ ତଦନ୍ତକାରୀ ସଂସ୍ଥା ରହିଥିଲେ ହେଁ ସେମାନଙ୍କ ଆଖିରେ ଧୂଳି ଦେଇ ପ୍ରାର୍ଥୀ ଭୋଟରଙ୍କୁ ଟଙ୍କା ବଣ୍ଟନ କରାଯାଉଥିବା ଚର୍ଚ୍ଚା ହେଉଛି।

କେତେକ ପ୍ରାର୍ଥୀ ଗତ କିଛି ଦିନ ଧରି ନିର୍ବାଚନମଣ୍ଡଳୀର ବଡବିଲ, ଭଦ୍ରାସାହି, ଗୁଆଲି, ରୁଗୁଡି, ଖଡବନ୍ଧ, ବିଛାକୁଣ୍ଡି, ଜୁରୁଡି, ବାମେବାରୀ, କାଳିମାଟି, ବିଲେଇପଦା, କଣ୍ଡରା, ବାସୁଦେବପୁର ସମେତ ରିମୁଳି, ଚମ୍ପୁଆ, ମୁର୍ଗା, ଦେଓଝର ଅଞ୍ଚଳକୁ ଟ୍ରକ୍ ଯୋଗେ ଟଙ୍କା ପଠାଉଥିବା ଆଲୋଚନା ହେଉଛି। କାରଣ ଏହି ଅଞ୍ଚଳକୁ ଟ୍ରକ୍ ଓ ଡମ୍ପର ଯୋଗେ ସିଧାସଳଖ ଭାବେ ବିଭିନ୍ନ ଖଣି ଅଞ୍ଚଳରୁ ଖଣିଜ ପରିବହନ ହେଉଛି। ଏହି ଘଟଣା ବର୍ତ୍ତମାନ ଯୋଡା ସହରର ଏକ ଚର୍ଚ୍ଚାର ବିଷୟ ହୋଇଛି। ଫ୍ଲାଇଂ ସ୍କ୍ୱାଡ ଏ ନେଇ କୌଣସି ସୁରାକ ପାଇପାରୁନାହିଁ। ଫ୍ଲାଇଂ ସ୍କ୍ୱାଡ ଓ ପୋଲିସ ଏହି ପରିବହନ ଠିକାସଂସ୍ଥା, ଲୋଡିଂ ସଂସ୍ଥା ଏବଂ ଖଣି ବ୍ୟବସାୟୀଙ୍କ ଉପରେ କଡା ନଜର ରଖିଲେ ନିର୍ବାଚନରେ ସ୍ୱଚ୍ଛତା ଆସିପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ଭାଜପାରେ ଯୋଗଦେଲେ ମୃତ୍ୟୁଞ୍ଜୟ

**ସୋର, ୧୯।୪(ଡି.ଏନ.ଏ.)**

ସୋର କଂଗ୍ରେସ ତରଫରୁ ୨୦୧୪ ମସିହାରେ ସୋର ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ହୋଇଥିବା ମୃତ୍ୟୁଞ୍ଜୟ ଜେନା ଶୁକ୍ରବାର ଭୁବନେଶ୍ୱରସ୍ଥିତ ଭାଜପା ଦଳୀୟ କାର୍ଯ୍ୟାଳୟରେ ଭାଜପାରେ ଯୋଗ ଦେଇଛନ୍ତି। ଏହି ମିଶ୍ରଣ ବେଳେ ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତି, ଭାଜପା ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାରଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଥିଲେ। ଜେନା ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ ଦଳିତମାନଙ୍କର ନେତୃତ୍ୱ ନେଇ ସେମାନଙ୍କ ସମସ୍ୟା ଦୂର କରିବା ପାଇଁ ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି। ଏହି ମିଶ୍ରଣ ବେଳେ ସୋର ଭାଜପା ବିଧାୟକ ପ୍ରାର୍ଥୀ ରାକେଶ ମଲ୍ଲିକ, ଜୟନ୍ତ ସ୍ୱାଇଁ, ସୋର ନଗର ଦଳୀୟ ସଭାପତି ପୁରଞ୍ଜନ ପଣ୍ଡା, କୈଶିକ ଜେନାଙ୍କ ସହ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ। ଏଥିରେ କଂଗ୍ରେସର ଶତାଧିକ ସମର୍ଥକ ଜେନାଙ୍କ ସହିତ ଭାଜପାରେ ସାମିଲ ହୋଇଛନ୍ତି। ଜେନାଙ୍କ ଯୋଗଦାନ ପରେ ସୋରରେ ଦଳୀୟ ସଙ୍ଗଠନ ଅଧିକ ଶକ୍ତିଶାଳୀ ହେବା ସହ ବିଜୟ ସୁନିଶ୍ଚିତ ବୋଲି ଉପସଭାପତି ମହାନ୍ତି କହିଛନ୍ତି।

# ଅବକାରୀ ମୋବାଇଲ ସ୍କ୍ୱାଡ, ପୋଲିସର ମିଳିତ ଚଢ଼ାଉ: ୭ ଗିରଫ



ଜବତ ହୋଇଥିବା ଚୋରା ମଦ ଗାଡ଼ିରେ ନିଆଯାଇଛି।

**ଭୋଗରାଇ,୧୯।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବିଭିନ୍ନ ସ୍ଥାନରୁ ଶୁକ୍ରବାର ଅବକାରୀ ବିଭାଗ ମୋବାଇଲ ସ୍କ୍ୱାଡ୍ ଓ ପୋଲିସ ଫୋର୍ସ ଅଚାନକ ଚଢାଉ କରାଯାଇ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରିବା ସହିତ ୭ଜଣ ଚୋରା ମଦ ବିକ୍ରେତାଙ୍କୁ ଗିରଫ କରିଛନ୍ତି। ଏହି ଚୋରା ମଦର ଆନୁମାନିକ ମୂଲ୍ୟ ୩ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଥିବା ବେଳେ ୭ ଚୋରା ମଦ ବିକ୍ରେତାଙ୍କ ନାମରେ ଅବକାରୀ ବିଭାଗରେ ମାମଲା ରୁଜୁ ହୋଇଛି।

ଭୋଗରାଇର ବିଭିନ୍ନ ସ୍ଥାନରେ ଚୋରା ଦେଶୀ ଓ ବିଦେଶୀ ମଦର ସ୍ରୋତ ଛୁଟୁଥିବାବେଳେ ବହୁ ଅସାମାଜିକ କ୍ରିୟାକଳାପ ବଢ଼ିଚାଲିଛି। ଆସନ୍ନ ନିର୍ବାଚନକୁ ଆଖି ଆଗରେ ରଖି ବିଭାଗ ପକ୍ଷରୁ ଏଭଳି ଚଢ଼ାଉ ବାରମ୍ବାର ହେବ ବୋଲି ସୂଚନା ଦେବା ପରେ ଚୋରା ମଦ ବିକ୍ରେତାଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି। ଭୋଗରାଇ ସୀମାନ୍ତ ଉଦୟପୁର ବେଳାଭୂମିରେ ଶାନ୍ତିଗୋପାଳ ଖଟୁଆ, ନିର୍ମଳ ପଟ୍ଟନାୟକ, ଚନ୍ଦନେଶ୍ୱର ବଜାରରୁ ରବୀନ୍ଦ୍ର ପ୍ରଧାନ, କୃଷ୍ଣନଗରରୁ ଜଳେନ୍ଦ୍ର ମଲ୍ଲିକ, ବର୍ତ୍ତନାରୁ ଲକ୍ଷ୍ମୀକାନ୍ତ ସେଠୀ, ଖଳାବାଡ଼ିଆରୁ ସନ୍ତୋଷ କୁମାର ଦାସ ଓ ରଇପୁର ଗ୍ରାମରୁ ଶାନ୍ତିଲତା ପାତ୍ରଙ୍କୁ ବେଆଇନ ମଦ କାରବାରରେ ଅବକାରୀ ବିଭାଗ ଗିରଫ କରିଛନ୍ତି। ବାଲେଶ୍ୱର ଅବକାରୀ ବିଭାଗର ଏସ୍‌ପି ରାଜେନ୍ଦ୍ର କୁମାର ଭୋତ୍ରାଙ୍କ ନିର୍ଦ୍ଦେଶକ୍ରମେ ଉପ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ୨୫ ଜଣିଆ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ